RNI No.ODIODI/2010/33031
୧୭ ବର୍ଷ Volume- 17
ISSUE -113 ସଂଖ୍ୟା-୧୧୩
ଭୁବନେଶ୍ୱର, ସୋମବାର ୧୩ ଜୁଲାଇ ୨୦୨୬
Bhubaneswar,Monday 13 July, 2026
୦୮ ପୃଷ୍ଠା Pages-08
ମୂଲ୍ୟ : ୨.୦୦ ଟଙ୍କା Price : Rs.2.00
www.odishamanthan.com

MANTHAN
ମନ୍ଥନ
www.odishamanthan.com RNI No. ORIORI/2010/33031
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର



# ବିଜେପିରେ ମିଶିଲେ ପ୍ରଭାତ ବିଶ୍ୱାଳ

ଭୁବନେଶ୍ୱର,୧୨|୭(ନି.ପ୍ର): : ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କ ନେତୃତ୍ୱ ଓ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ବିକାଶମୂଳକ କାର୍ଯ୍ୟରେ ଅନୁପ୍ରାଣିତ ହୋଇ ଚୌଦ୍ୱାର-କଟକ ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ତଥା ବରିଷ୍ଠ ବିଜେଡି ନେତା ଶ୍ରୀ ପ୍ରଭାତ ବିଶ୍ୱାଳ ନିଜ ସହସ୍ରାଧିକ ସମର୍ଥକଙ୍କ ଗହଣରେ ଆନୁଷ୍ଠାନିକ ଭାବେ ବିଜେପିରେ ଯୋଗଦେଇଛନ୍ତି । ସେହିପରି ୬ ଜଣ କାଉନସିଲରଙ୍କ ସମେତ ଯୋଡା ମ୍ୟୁନିସିପାଲିଟିର ଅଧ୍ୟକ୍ଷ ଶ୍ରୀ ଜଗଦୀଶ ପ୍ରସାଦ ସାହୁ ବିଜେଡି ଛାଡି ଅନୁଷ୍ଠାନିକ ଭାବେ ବିଜେପିରେ ଯୋଗଦାନ କରିଛନ୍ତି । ସମସ୍ତ ନୂତନ ସଦସ୍ୟଙ୍କୁ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଏବଂ ରାଜ୍ୟ ସଭାପତି ତଥା ସାଂସଦ ଶ୍ରୀ ମନମୋହନ ସାମଲ ଦଳୀୟ ଉତରୀୟ ଓ ଟୋପି ପିନ୍ଧାଇ ଦଳକୁ ସ୍ୱାଗତ କରିଛନ୍ତି ।

ଆଜିର ମିଶ୍ରଣ ପର୍ବରେ କଟକ ମହାନଗର ନିଗମର କର୍ପୋରେଟର ପଦ୍ମିନୀ ସାହୁ, ମିନା ସାହୁ, ଚୌଦ୍ୱାର ପୌରପାଳିକା କାଉନ୍‌ସିଲର ସୁଜାତା ସାହୁ, ଟାଙ୍ଗୀ ଚୌଦ୍ୱାର ପଂଚାୟତ ସମିତି ଉପାଧକ୍ଷା ସୁପ୍ରିୟା ଜେଠୀ, ସରପଂଚ ଶୈଳବାଳା ନାୟକ, ଦିଲୀପ କୁମାର ଭୋଇ, ନମିତା ମଲ୍ଲିକ, ସମିତିସଭ୍ୟା ବନ୍ଦନା ସ୍ୱାଇଁ, ରୀତା ରାଉତ, କଟକ ପୂର୍ବତନ କର୍ପୋରେଟର ଧର୍ମାନନ୍ଦ ପାତ୍ର, କଟକ ଜିଲ୍ଲା ବିଜେଡି ସାଧାରଣ ସଂପାଦକ ଏମ୍ ଡି ଫରିଦ, ମହେନ୍ଦ୍ର ନାୟକ, ନାଗୁଣୀ ଚରଣ ମହାନ୍ତି, ରମାକାନ୍ତ ଲେଙ୍କା, ଇଂ. ଆଶିଷ କୁମାର ସ୍ୱାଇଁ, ସୁଭେନ୍ଦୁ ସେନଗୁପ୍ତା, ଫିରୋଜ ମହାପାତ୍ର, ହିମାଂଶୁ ଶେଖର ଷଡ଼ଙ୍ଗୀ, ଦିପାଳିବାଳା ଭୂୟାଁ, ବିଜେଡି ଉପସଭାପତି ଉପସଭାପତି ସଂଜିବ୍ ଦାସଙ୍କ ସମେତ ବିଭିନ୍ନ ୱାର୍ଡର ପ୍ରମୁଖ ବିଜେଡି ନେତୃବୃନ୍ଦ ଓ କାର୍ଯ୍ୟକର୍ତ୍ତା ଆନୁଷ୍ଠାନିକ ଭାବେ ବିଜେପିରେ ଯୋଗଦାନ କରିଛନ୍ତି ।

ଏହି ଅବସରରେ ରାଜ୍ୟ ସଭାପତି ଶ୍ରୀ ସାମଲ କହିଛନ୍ତି ଯେ, ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତରେ ବିଜେପି ବିଶ୍ୱର ସବୁଠାରୁ ବଡ ରାଜନୈତିକ ଦଳ ହୋଇପାରିଛି । ପ୍ରଥମେ ରାଷ୍ଟ୍ର, ତାପରେ ଦଳ, ଶେଷରେ ବ୍ୟକ୍ତି ହେଉଛି ଆମ ଦଳର ମୂଳମନ୍ତ୍ର । ଏହି ବିଚାରାଧାରାରୁ ଆମେ ତିଳେହେଲେ ବିଚ୍ୟୁତ ନହୋଇ ଗୁଣ୍ଡୁଚି ମୂଷା ଭଳି ରାଷ୍ଟ୍ର ଗଠନ କାର୍ଯ୍ୟରେ ଲାଗିରହିଛୁ । ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଆମ ସରକାର ରାଜ୍ୟର ସାଢେ ଚାରି କୋଟି ଓଡିଆଙ୍କ ସେବା କରିବା ପାଇଁ କାର୍ଯ୍ୟ କରିଆସୁଛି । ସବକା ସାଥ, ସବକା ବିକାଶ, ସବକା ବିଶ୍ୱାସ, ସବକା ପ୍ରୟାସ ମନ୍ତ୍ରରେ ଆକର୍ଷିତ ହୋଇ ଅନ୍ୟ ଦଳର ଅନେକ ନେତା ଆମ ଦଳରେ ଯୋଗଦାନ କରିଛନ୍ତି । ଗତ ୨୪ ମାସରେ ଆମ ସରକାର ଯେଉଁ ଯୁଗାନ୍ତକାରୀ ଯୋଜନାର ସଫଳ କ୍ରିୟାନ୍ୱୟନ ଏବଂ ପଦକ୍ଷେପ ନେଇଛନ୍ତି, ତାହା ଗତ ୨୪ ବର୍ଷରେ ସମ୍ଭବ ହୋଇନଥିଲା । ଗତ ତିନି ମାସରେ ଐତିହାସିକ 'ଦେୟମୁକ୍ତ କେଜିରୁ ପିଜି ଶିକ୍ଷା', 'ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା', ଶିକ୍ଷା କ୍ଷେତ୍ରରେ ଅନୁସୂଚିତ ଜାତି, ଜନଜାତି ଛାତ୍ରଛାତ୍ରୀଙ୍କୁ ଜନସଂଖ୍ୟା ଅନୁପାତରେ ଉଭୟ ସାଧାରଣ ଶିକ୍ଷା ଏବଂ ବୈଷୟିକ ଶିକ୍ଷାରେ ସଂରକ୍ଷଣ ପ୍ରଦାନ ତଥା ସାମାଜିକ ଓ ଆର୍ଥିକ ସ୍ତରରେ ପଛୁଆ ବର୍ଗଙ୍କୁ ମଧ୍ୟ ସଂରକ୍ଷଣ ପ୍ରଦାନ କରିବାର ନିଷ୍ପତି ନିଆଯାଇଛି ।



ପ୍ରଭାତ ବିଶ୍ୱାଳଙ୍କ ଯୋଗଦାନ କଟକ ଜିଲ୍ଲାରେ ବିଜେପିର ସଂଗଠନକୁ ଅଧିକ ସୁଦୃଢ଼ କରିବ ବୋଲି ଶ୍ରୀ ସାମଲ କହିଛନ୍ତି । ମିଶ୍ରଣ ପର୍ବ ଅବସରରେ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ଯେ, ଓଡିଶାରେ ବିଜେପିର ଜୟଯାତ୍ରାର ଆଉ ଗୋଟିଏ ଫର୍ଦ୍ଦ ଆଜି ଯୋଡି ହୋଇଛି । ବିଜେଡି ବରିଷ୍ଠ ନେତା ଶ୍ରୀ ପ୍ରଭାତ ବିଶ୍ୱାଳଙ୍କ ଯୋଗଦାନ ପରେ ବିଜେପିର ସଂଗଠନ ସଶକ୍ତ ହୋଇଛି । ତାଙ୍କର ସାଂଗଠନିକ ଦକ୍ଷତା ତଥା ଲୋକସଂପର୍କ ଆମ ଦଳକୁ ଜିଲ୍ଲାରେ ଶକ୍ତିଶାଳୀ କରିବ

## ଇସ୍କନ ବିରୋଧରେ ବଢୁଛି ଅସନ୍ତୋଷ

ଭୁବନେଶ୍ୱର,୧୨|୭(ନି.ପ୍ର): ଇସ୍କନର ଅଦିନିଆ ରଥଯାତ୍ରାକୁ ନେଇ ବଢ଼ିବାରେ ଲାଗିଛି ବିରୋଧ । ବିଭିନ୍ନ ସଂଗଠନ ପକ୍ଷରୁ ଇସ୍କନର ଏଭଳି ପରମ୍ପରା ବିରୋଧୀ କାର୍ଯ୍ୟକୁ ନିନ୍ଦା କରି ପ୍ରତିବାଦ କରିଛନ୍ତି ବିଭିନ୍ନ ସଂଗଠନ । କଳିଙ୍ଗ ସେନା ପରେ ଓ୍ୱି ଫର ଭୁବନେଶ୍ୱର ଅନୁଷ୍ଠାନ ପକ୍ଷରୁ ଇସ୍କନ ସମ୍ମୁଖରେ ପ୍ରତିବାଦ କରାଯାଇଛି । ବିରୋଧ ବଢୁଥିବାବେଳେ ଅଡୁଆରେ ପଡିଛନ୍ତି ଓଡିଶା ଇସ୍କନ କର୍ତ୍ତୃପକ୍ଷ ।

ଜଗନ୍ନାଥ ସଂସ୍କୃତି ଓ ପରମ୍ପରାକୁ ଖାତିର ନକରି ଇସ୍କନ ବିଦେଶରେ ଅଦିନିଆ ରଥଯାତ୍ରା ପାଳନ କରିବାକୁ ନେଇ ଓଡିଶାରେ ତେଜୁଛି ବିଦ୍ରୋହ । ଶନିବାର ଶ୍ରୀକ୍ଷେତ୍ର ବଡଦାଣ୍ଡରେ ବିରୋଧ କରିଥିଲେ ବୁଦ୍ଧିଜୀବୀ । ରବିବାର ଭୁବନେଶ୍ୱରରେ ଜୋରଦାର ପ୍ରତବାଦ କରିଛନ୍ତି ଓ୍ୱି ଫର ଭୁବନେଶ୍ୱର ଅନୁଷ୍ଠାନର ସଦସ୍ୟ । ଭୁବନେଶ୍ୱର ଇସ୍କନ ମନ୍ଦିର ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଧାରଣା ଦେବା ସହ ହାତରେ ପ୍ଲାକାର୍ଡ ଧରି କରିଛନ୍ତି ଆନ୍‌ଦୋଳନ । ବିଦେଶରେ ଅଦିନିଆ ରଥଯାତ୍ରା ଓ ସ୍ନାନଯାତ୍ରା ବନ୍ଦ କରିବାକୁ ରଖିଛନ୍ତି ଦାବି । ଏଥିସହ ଗଜପତିଙ୍କ ଚିଠିରେ ଇସ୍କନ ରଖିଥିବା ମନ୍ତବ୍ୟକୁ ଘୋର ବିରୋଧ କରିଛନ୍ତି । ଜଗନ୍ନାଥ ସଂସ୍କୃତି ପ୍ରତି ଅପମାନକୁ ସହ୍ୟ କରାଯିବ ନାହିଁ ଏବଂ ଏହାର ସୁରକ୍ଷା ପାଇଁ ପ୍ରତିବାଦ ଜୋର ହେବ ବୋଲି ପୂର୍ବରୁ ଚେତାବନୀ ଦେଇଥିଲା କଳିଙ୍ଗ ସେନା ।

# ସୁସ୍ଥ ହେଲେ ଶ୍ରୀଜିଉ

ପୁରୀ,୧୨|୭(ନି.ପ୍ର): ଲକ୍ଷଲକ୍ଷ ଭକ୍ତଙ୍କ ପାଇଁ ଆଶ୍ୱସ୍ତିକର ଖବର । ଅଣସର ଘରେ ଦୀର୍ଘ ଦିନର ଗୁପ୍ତ ଉପଚାର ପରେ ଏବେ ସମ୍ପୂର୍ଣ୍ଣ ସୁସ୍ଥ ହୋଇଛନ୍ତି ମହାବାହୁ । ବୈଦ୍ୟଙ୍କ ପରାମର୍ଶକ୍ରମେ ମହାପ୍ରଭୁଙ୍କୁ ବିଶେଷ 'ଦଶମୂଳ ଓଷୁଅ' ଲାଗି ହେବା ପରେ ଶ୍ରୀଜିଉମାନେ ଆରୋଗ୍ୟ ଲାଭ କରିଛନ୍ତି । ମହାପ୍ରଭୁଙ୍କ ସୁସ୍ଥତାର ଶୁଭ ଖବର ଗଜପତି ମହାରାଜାଙ୍କ ପାଖରେ ପହଞ୍ଚିବା ପରେ ସରିଛି ରାଜପ୍ରସାଦ ବିଜେ । ସେପଟେ ରଥଯାତ୍ରା ପାଇଁ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ । ଦିନକ ପରେ ନବଯୌବନ ଦର୍ଶନ । ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପାଇଁ ସଜେଇ ହେଲାଣି ପୁରୀ ସହର । ଅଣସର ଘରେ ବୈଦ୍ୟଙ୍କ ପରାମର୍ଶରେ ମହାପ୍ରଭୁଙ୍କୁ ଦଶମୂଳ ଓଷୁଅ ଦିଆଯିବା ପରେ ସୁସ୍ଥ ହୋଇଛନ୍ତି ମହାବାହୁ । ପରମ୍ପରା ଅନୁସାରେ ସମ୍ପର୍ଣ୍ଣ ହୋଇଛି ରାଜପ୍ରସାଦ ବିଜେ ନୀତି । ଅନବସର ସମୟରେ ଶ୍ରୀଅଂଗରୁ ବାହାରିଥିବା ପ୍ରସାଦ ଚନ୍ଦନ, କରାଳ ଓ ପାଟଡୋରିକୁ ଧରି ଦଇତାପତିମାନେ ଶ୍ରୀନଅର ବିଜେ କରିଛନ୍ତି । ଗଜପତି ମହାରାଜାଙ୍କୁ ଦିଆଯାଇଛି ମହାପ୍ରଭୁଙ୍କ ସୁସ୍ଥ ହେବା ଖବର ।

ରାଜପ୍ରସାଦ ବିଜେ ନୀତି ସମ୍ପନ୍ନ ପରେ ଦଇତାପତି ସେବାୟତଙ୍କ ସହ ଆଲୋଚନା କରିଛନ୍ତି ଗଜପତି ମହାରାଜା । ରଥଯାତ୍ରା କିଭଳି ଶାନ୍ତିଶୃଂଖଳାର ସହ ହେବ ସେ ନେଇ ଆଲୋଚନା କରିଛନ୍ତି । ନିର୍ଦ୍ଧାରିତ ନୀତି ନିର୍ଘଣ୍ଟ ଅନୁପାଳନ କରିବା ପାଇଁ ଗଜପତି ପରାମର୍ଶ ଦେଇଛନ୍ତି । ମହାପ୍ରଭୁଙ୍କ ସୁସ୍ଥତା ଖବର ପରେ ଏବେ ଶ୍ରୀକ୍ଷେତ୍ର ପୁରୀ ସମ୍ପୂର୍ଣ୍ଣ ଚଳଚଞ୍ଚଳ ହୋଇଉଠିଛି । ରଥଖଳାରେ ରଥ ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ତିନି ରଥର 'ପ୍ରଭା' ଏବଂ 'ସିଂହାସନ' କାର୍ଯ୍ୟ ଜୋରସୋରରେ ଚାଲିଥିବା ବେଳେ ଆସନ୍ତା ଦୁଇ ଦିନ ମଧ୍ୟରେ ତିନି ରଥର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ଭାବେ ଶେଷ ହେବ । ଅନ୍ୟପକ୍ଷରେ ଆସନ୍ତା ୧୪ ତାରିଖ ନବଯୌବନ ଦର୍ଶନ । ତେବେ ସୀମିତ ତଥା କମ୍ ସମୟ ପାଇଁ ଭକ୍ତ ମାନେ ନବଯୌବନ ଦର୍ଶନ କରିବେ । ମହାପ୍ରଭୁଙ୍କ ନୀତି ବହୁଳତା ପାଇଁ କମ୍ ସମୟ ଦର୍ଶନ ବ୍ୟବସ୍ଥା ରହିବ । ନେତ୍ରୋତ୍ସବ ପରଦିନ ଉଭା ଅମାବାସ୍ୟାରେ ମହାପ୍ରଭୁଙ୍କର ଦର୍ଶନ ସମ୍ପୂର୍ଣ୍ଣ ବନ୍ଦ ରହିବ । ମହାପ୍ରଭୁ ଅଣସରରେ ଥିବାରୁ ଶ୍ରୀ ଅଲାରନାଥ ପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼ ବଢିଛି । ସୁରକ୍ଷା ପାଇଁ ବ୍ୟାପକ ପୁଲିସ ମୁତୟନ ରହିଛନ୍ତି । ସେପଟେ ଲକ୍ଷଲକ୍ଷ ଭକ୍ତଙ୍କ ଆଗମନକୁ ନେଇ ବଢ଼ିଛି ସୁରକ୍ଷା । ବଡଦାଣ୍ଡରେ ବି ସ୍ଥିତି ଅନୁଧ୍ୟାନ କରିଛନ୍ତି ପୁରୀ ଏସପି ।

## ହର୍ମୁଜରେ ଭାରତୀୟ ଜାହାଜ ଉପରେ ଆକ୍ରମଣ : ୧୦ ଉଦ୍ଧାର, ଜଣେ ନିଖୋଜ

ନୂଆଦିଲ୍ଲୀ,୧୨|୭(ନି.ପ୍ର): ଆମେରିକା ଓ ଇରାନ ଭିତରେ ରବିବାର ପୁଣିଥରେ ବଡ଼ ଧରଣର ସଂଘର୍ଷ ଦେଖିବାକୁ ମିଳିଛି । ଏହାର ସବୁଠାରୁ ବଡ କାରଣ ହେଉଛି ଓମାନ ତଟରେ ସାଇପ୍ରସ ପତାକା ଥିବା ଜାହାଜ ଉପରେ ଆକ୍ରମଣ । ଏହି ଆକ୍ରମଣ କାରଣରୁ ଏବେ ଭାରତ ମଧ୍ୟ ପ୍ରତିକ୍ରିୟା ପ୍ରକାଶ କରିଛି । ବୈଦେଶିକ ମନ୍ତ୍ରଣାଳୟ ରବିବାର ଜାରି ବୟାନରେ କହିଚି ଭାରତର ଏରଝ ଏବକ୍ଷବଙ୍ଗଛ ଜାହାଜ ଉପରେ ହୋଇଥିବା ଆକ୍ରମଣକୁ ନିନ୍ଦା କରୁଛି । ମିଳିଥିବା ସୂଚନା ଅନୁସାରେ, ଜାହାଜରେ ୧୧ ଭାରତୀୟ ନାଗରିକ ଥିଲେ । ତାଙ୍କ ଭିତରୁ ୧୦ ଜଣଙ୍କୁ ସୁରକ୍ଷିତ ଉଦ୍ଧାର କରାଯାଇଛି । ସେଭଳି ଜଣେ ଭାରତୀୟ ଏବେ ବି ନିଖୋଜ ଅଛି । ତାଙ୍କର ସନ୍ଧାନରେ ରେସକ୍ୟୁ ଅପରେସନ୍ ଜାରି ରହିଛି । ବୈଦେଶିକ ମନ୍ତ୍ରଣାଳୟ କହିଛି ଯେ ଓମାନରେ ଥିବା ଭାରତୀୟ ଦୂତାବାସ ପରିସ୍ଥିତି ଉପରେ କଡ଼ା ନଜର ରଖିଛି । ନିଖୋଜ ଭାରତୀୟଙ୍କୁ ଖୋଜିବା ପାଇଁ ଓମାନ କର୍ତ୍ତୃପକ୍ଷଙ୍କ ସହଯୋଗରେ ଏକ ଉଦ୍ଧାର କାର୍ଯ୍ୟ ଚାଲିଛି । ଉଦ୍ଧାର କାର୍ଯ୍ୟରେ ସହାୟତା ପାଇଁ ଭାରତ ମଧ୍ୟ ଓମାନ ସରକାରଙ୍କୁ କୃତଜ୍ଞତା ପ୍ରକାଶ କରିଛି । ଭାରତ କହିଛି ହର୍ମୁଜରେ ବାଣିଜ୍ୟିକ ଜାହାଜ ଉପରେ ଲଗାତାର ଆକ୍ରମଣ ଗମ୍ଭୀର ଚିନ୍ତାର ବିଷୟ । ଏପରି ଆକ୍ରମଣ କେବଳ ସାମୁଦ୍ରିକ ବାଣିଜ୍ୟ ପାଇଁ ନୁହେଁ ବରଂ ସମଗ୍ର ଅଞ୍ଚଳରେ ଶାନ୍ତି ଏବଂ ସ୍ଥିରତା ପାଇଁ ବିପଦ ସୃଷ୍ଟି କରୁଛି ।

# ଟାଟା ଷ୍ଟିଲ କଳିଙ୍ଗନଗର ପକ୍ଷରୁ ଟମକା ଜୈବ ବିବିଧତା ଉଦ୍ୟାନ ନିକଟରେ ବନ ମହୋତ୍ସବ



କଳିଙ୍ଗନଗର,୧୨|୭(ନି.ପ୍ର.): ଟାଟା ଷ୍ଟିଲ କଳିଙ୍ଗନଗର ପକ୍ଷରୁ ଟମକା ବନାଞ୍ଚଳ ବିଭାଗର ସହଯୋଗରେ ସ୍ଥାନୀୟ ଜୈବ ବିବିଧତା ଉଦ୍ୟାନ ନିକଟରେ ବନ ମହୋତ୍ସବ ୨୦୨୬ ସଫଳତାର ସହ ପାଳିତ ହୋଇଯାଇଛି । ପରିବେଶ ସୁରକ୍ଷା ପାଇଁ ଉଦ୍ଦିଷ୍ଟ ଏହି କାର୍ଯ୍ୟକ୍ରମରେ ପ୍ରାୟ ୬୦ ଜଣ ସ୍ୱ ?ଚ୍ଛାସେବୀ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଶ୍ରୀଯୁକ୍ତ ସୁଭ୍ରାଂଶୁ ଶେଖର ରାଉତ ଟାଟା ଷ୍ଟିଲ କଳିଙ୍ଗନଗରର ଲଜିଷ୍ଟିକ୍ସ ଅପରେସନ ଚିଫ ଏବଂ ଶ୍ରୀଯୁକ୍ତ କିଶୋର କୁମାର ପାଣିଗ୍ରାହୀ ଟମକା ରେଞ୍ଜ ର ଦାୟିତ୍ୱରେ ଥିବା ଏସିଏଫ୍ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ ।

ଏହି ଅବସରରେ ସ୍ୱ ?ଚ୍ଛାସେବୀମାନଙ୍କ ଦ୍ୱାରା ଏକ ବ୍ୟାପକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଏହା ସହିତ ଜଙ୍ଗଲ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଏକ ସଫେଇ ଅଭିଯାନ ଚଳାଯାଇ ସେଠାରୁ ବହୁ ପରିମାଣର ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ ସଂଗ୍ରହ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ସଫଳ କରିବାରେ ସ୍ୱ ?ଚ୍ଛାସେବୀମାନେ ସକ୍ରିୟ ସହଯୋଗ କରିଥିଲେ ।

ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ସ୍ଥାନୀୟ ଅଞ୍ଚଳରେ ଏକ ପରିବେଶ ସଚେତନତା ଅଭିଯାନ ମଧ୍ୟ ଚଳାଯାଇଥିଲା । ଏଥିରେ ଜଙ୍ଗଲ ସୁରକ୍ଷା ଏବଂ ପରିବେଶର ଯତ୍ନ ନେବା ପାଇଁ ପ୍ରେରଣାଦାୟୀ ସ୍ଲୋଗାନ ଥିବା ପୋଷ୍ଟରଗୁଡ଼ିକୁ ଗଛରେ ପ୍ରଦର୍ଶିତ କରାଯାଇ ସ୍ଥାନୀୟ ଲୋକମାନଙ୍କୁ ଦାୟିତ୍ୱବାନ ହେବା ପାଇଁ ଉତ୍ସାହିତ କରାଯାଇଥିଲା ।

# ରାଜଗାଙ୍ଗପୁରରେ ଶୋଚନୀୟ ରାସ୍ତାକୁ ନେଇ ଅଭିଯୋଗ

ରାଜଗାଙ୍ଗପୁର,୧୨|୭(ନି.ପ୍ର.): ରାଜଗାଙ୍ଗପୁର ରେଳ ଫାଟକ ରୁ ବ୍ଲକ କାର୍ଯ୍ୟାଳୟ ରାସ୍ତା ଅତି ରୁ ଅତି ଶୋଚନୀୟ ଥିବାରୁ ସ୍ଥାନୀୟ ଜନସାଧାରଣଙ୍କ ଗମନାଗମନ ରେ ଭାରି ଅସୁବିଧାର ସମ୍ମୁଖିନ ହେଉଥିବା ସହ ସ୍ଥାନୀୟ କାଉନସିଲର ଉକ୍ତ ସମସ୍ୟା ପ୍ରତି ଗୁରୁତ୍ୱ ଦେଉନଥିବା ଅଭିଯୋଗ ହୋଇଛି । ରେଳ ଫାଟକ ଦେଇ ବ୍ଲକ ତହସିଲ କୋର୍ଟ ସ୍କୁଲ କଲେଜ ବ୍ୟାଙ୍କ ବିଭିନ୍ନ ପଞ୍ଚାୟତ ପୈରପରିଷଦ ୱାର୍ଡ କଲୋନୀ ଓ ଗ୍ରାମବାସୀ ଯିବା ଆସିବା କରିଥାନ୍ତି ଏହି ସମସ୍ୟା ପ୍ରାୟ ପାଞ୍ଚ ବର୍ଷ ଧରି ରହୁଥିବା ସତ୍ତ୍ୱେ ବିଭାଗୀୟ ଅଧିକାରୀ ପୈରପରିଷଦ କାର୍ଯଳୟ ଦୃଷ୍ଟି ନ ଦେବାରୁ ତଥା ମରାମତି ଅଭାବରୁ ରାସ୍ତା ଟି ଦିନକୁ ଦିନ ଅତି ଶୋଚନୀୟ ହେଇଥିବା ପରିଲକ୍ଷିତ ହେଉଛି ଉକ୍ତ ସମସ୍ୟାର ଯଥାଶୀଘ୍ର ସମାଧାନ ପାଇଁ ବିଭିନ୍ନ ମହଲରେ ଦାବି କରିଛନ୍ତି ।



# ନୂଆ ପାୱାର ପ୍ଲାଣ୍ଟରେ ୧୦୦% ସରକାରୀ ମାଲିକାନା ଦାବି

ଅନୁଗୋଳ୧୨|୭(ନି.ପ୍ର) : ନାଲକୋ ଓ ଏନଏଲସି ଇଣ୍ଡିଆ ଲିମିଟେଡ୍ ମଧ୍ୟରେ ୧,୦୮୦ ମେଗାୱାଟ (୪୨୭୦ ମେଗାୱାଟ) କ୍ୟାପ୍ଟିଭ ତାପଜ ବିଦ୍ୟୁତ ପ୍ରକଳ୍ପ ପାଇଁ ସମ୍ପ୍ରତି ସ୍ୱାକ୍ଷରିତ ୫୦:୫୦ ଯୁଗ୍ମ ଉଦ୍‌ଯୋଗ ଚୁକ୍ତିକୁ ପୁନଃବିଚାର କରିବା ସହ ପ୍ରକଳ୍ପଟିକୁ ନାଲକୋର ୧୦୦ ପ୍ରତିଶତ ସରକାରୀ ମାଲିକାନାରେ କାର୍ଯ୍ୟକାରୀ କରିବାକୁ ନାଲକୋ ସ୍ୱୀକୃତିପ୍ରାପ୍ତ ସଙ୍ଗଠନର ସାଧାରଣ ସମ୍ପାଦକ ତଥା ରାଷ୍ଟ୍ରୀୟ ମଜଦୂର କଂଗ୍ରେସର ରାଜ୍ୟ ଉପସଭାପତି ବିଭବ ଜେନା କେନ୍ଦ୍ର ସରକାରଙ୍କୁ ଦାବି ଜଣାଇଛନ୍ତି ।




ବିଭବ ଜେନା କହିଛନ୍ତି ଯେ, ନାଲକୋର ସ୍ମେଲ୍ଟର ସମ୍ପ୍ରସାରଣ ଓ ଦେଶର ଆଲୁମିନିୟମ ଉତ୍ପାଦନ ବୃଦ୍ଧି ପାଇଁ ନୂତନ କ୍ୟାପ୍ଟିଭ ପାୱାର ପ୍ଲାଣ୍ଟର ଆବଶ୍ୟକତାକୁ ସେ ସମର୍ଥନ କରୁଛନ୍ତି । ତେବେ ଏହି ପ୍ରକଳ୍ପକୁ ଯୁଗ୍ମ ଉଦ୍‌ଯୋଗ ମାଧ୍ୟମରେ କାର୍ଯ୍ୟକାରୀ କରିବା ପରିବର୍ତ୍ତ ? ନାଲକୋ ନିଜସ୍ୱ ସମ୍ବଳରେ ଏହାକୁ ନିର୍ମାଣ କରିବାର ସମ୍ପୂର୍ଣ୍ଣ କ୍ଷମତା ରଖିଛି । କମ୍ପାନୀ ପାଖରେ ଶକ୍ତିଶାଳୀ ଆର୍ଥିକ ସ୍ଥିତି, ନିଜସ୍ୱ କୋଇଲା ଖଣି, ପର୍ଯ୍ୟାପ୍ତ ଜମି, ଜଳ, ବିଦ୍ୟୁତ ପରିବହନ ବ୍ୟବସ୍ଥା, ଶତ ପ୍ରତିଶତ ପାଉଁଶ ପରିଚାଳନା ଓ ଚାରି ଦଶନ୍ଧିରୁ ଅଧିକ ସମୟର ତାପଜ ବିଦ୍ୟୁତ କେନ୍ଦ୍ର ପରିଚାଳନାର ଅଭିଜ୍ଞତା ରହିଛି । ତାଙ୍କ କହିବା ଅନୁସାରେ, ଯୁଗ୍ମ ଉଦ୍‌ଯୋଗ ଫଳରେ ନାଲକୋ ଏହାର ନୂତନ ପାୱାର ପ୍ଲାଣ୍ଟ ଉପରେ ସମ୍ପୂର୍ଣ୍ଣ ନିୟନ୍ତ୍ରଣ ହରାଇବାର ଆଶଙ୍କା ରହିଛି । ଭବିଷ୍ୟତରେ ପରିଚାଳନା, ଆଧୁନିକୀକରଣ, ସମ୍ପ୍ରସାରଣ ଓ ନୀତିଗତ ନିଷ୍ପତ୍ତିରେ ଅନ୍ୟ ଅଂଶୀଦାରଙ୍କ ସହମତି ଉପରେ ନିର୍ଭର କରିବାକୁ ପଡ଼ିପାରେ । ଏହା ନାଲକୋର ସ୍ୱାଧୀନ ପରିଚାଳନା ବ୍ୟବସ୍ଥାକୁ ପ୍ରଭାବିତ କରିପାରେ ବୋଲି ସେ ମତ ପ୍ରକାଶ କରିଛନ୍ତି । ବିଭବ ଜେନା କହିଛନ୍ତି, ନୂତନ ଯୁଗ୍ମ ଉଦ୍‌ଯୋଗ ସହ ୨୫ ବର୍ଷିଆ ପାୱାର ପରଚେଜ୍ ଏଗ୍ରିମେଣ୍ଟ ନାଲକୋର ଦୀର୍ଘମିଆଦି ଆର୍ଥିକ ସ୍ୱାର୍ଥ ଉପରେ ପ୍ରଭାବ ପକାଇପାରେ । ତାଙ୍କ ମତରେ, ଯଦି ପ୍ରକଳ୍ପଟି ନାଲକୋର ନିଜସ୍ୱ ମାଲିକାନାରେ ରହିବ, ତେବେ ବିଦ୍ୟୁତ ଉତ୍ପାଦନର ସମସ୍ତ ଲାଭ କମ୍ପାନୀ ପାଖରେ ରହିବ ଏବଂ ଉତ୍ପାଦନ ବ୍ୟୟକୁ ମଧ୍ୟ ନିୟନ୍ତ୍ରଣରେ ରଖାଯାଇପାରିବ ।

ସେ ଆହୁରି କହିଛନ୍ତି ଯେ, ବର୍ତ୍ତମାନର ୧,୨୦୦ ମେଗାୱାଟ କ୍ୟାପ୍ଟିଭ ପାୱାର ପ୍ଲାଣ୍ଟର ଆଧୁନିକୀକରଣ, ମରାମତି ଓ କ୍ଷମତା ବୃଦ୍ଧି ପାଇଁ ଆବଶ୍ୟକ ବିନିଯୋଗ ଯୁଗ୍ମ ଉଦ୍‌ଯୋଗ ଯୋଗୁଁ ପ୍ରଭାବିତ ହେବାର ଆଶଙ୍କା ରହିଛି । ଏହା ଫଳରେ ପୁରୁଣା ୟୁନିଟ୍ ?ଗୁଡ଼ିକର କାର୍ଯ୍ୟକ୍ଷମତା ଓ ଦୀର୍ଘମିଆଦି ପରିଚାଳନା ଉପରେ ନକାରାତ୍ମକ ପ୍ରଭାବ ପଡ଼ିପାରେ ।

ବିଭବ ଜେନା କହିଛନ୍ତି, 'ଆମେ ଶିଳ୍ପ ସମ୍ପ୍ରସାରଣର ବିରୋଧୀ ନୁହେଁ । ଆମେ ଚାହୁଁଛୁ ନାଲକୋ ଆହୁରି ଶକ୍ତିଶାଳୀ ହେଉ ଏବଂ ଦେଶର ଆଲୁମିନିୟମ କ୍ଷେତ୍ରରେ ଅଗ୍ରଣୀ ଭୂମିକା ନିର୍ବାହ କରୁ । କିନ୍ତୁ ଏହି ଲକ୍ଷ୍ୟ ପୂରଣ ପାଇଁ ନାଲକୋର ଆର୍ଥିକ କ୍ଷମତା, ଦକ୍ଷ ମାନବ ସମ୍ବଳ ଓ ପ୍ରଯୁକ୍ତିଗତ ଅଭିଜ୍ଞତା ହିଁ ପର୍ଯ୍ୟାପ୍ତ । ତେଣୁ ନୂତନ ୧,୦୮୦ ମେଗାୱାଟ ପାୱାର ପ୍ରକଳ୍ପକୁ ୧୦୦ ପ୍ରତିଶତ ନାଲକୋର ସରକାରୀ ମାଲିକାନାରେ କାର୍ଯ୍ୟକାରୀ କରାଯିବା ଉଚିତ । ଶେଷରେ ସେ କେନ୍ଦ୍ର ସରକାରଙ୍କୁ ଯୁଗ୍ମ ଉଦ୍‌ଯୋଗ ପ୍ରସ୍ତାବର ପୁନଃବିଚାର କରି ନାଲକୋର ଦୀର୍ଘମିଆଦି ସ୍ୱାର୍ଥ, କର୍ମଚାରୀଙ୍କ ହିତ ଓ ଜାତୀୟ ସମ୍ପଦର ସୁରକ୍ଷାକୁ ପ୍ରାଧାନ୍ୟ ଦେବାକୁ ଆହ୍ୱାନ ଜଣାଇଛନ୍ତି ।

# ଶିକ୍ଷା ଓ ଶିକ୍ଷାନୁଷ୍ଠାନର ବିକାଶ ପାଇଁ ଧ୍ୟାନ ଦିଅନ୍ତୁ ସରକାର- ନରସିଂହ

ବଲାଙ୍ଗିର,୧୨|୭(ନି.ପ୍ର.): - ଆଜି ପୂର୍ବାହ୍ନ ଘ.୧୧ ରୁ ପୂର୍ବତନ ଆଇନମନ୍ତ୍ରୀ ନରସିଂହ ମିଶ୍ର ବଲାଙ୍ଗିର ସହର ସ୍ଥିତ ପି.ପି.ଏକାଡେମୀ ଏବଂ ବିଦ୍ୟା ଭୂଷଣ ସଂସ୍କୃତ ବିଦ୍ୟାଳୟ ଓ ମହାବିଦ୍ୟାଳୟ ପରିଦର୍ଶନରେ ଯାଇଥିଲେ । ବିଶେଷ କରି ତାଙ୍କର ଏହି ଗସ୍ତରେ ସେଠାକାର ସମସ୍ୟା ଓ ତାର ସମାଧାନ ଦିଗରେ କି ପଦକ୍ଷେପ ନିଆଯାଇପାରିବ ସେ ଉପରେ ଆଲୋଚନା କରାଯାଇଥିଲା । ପି.ପି. ଏକାଡେମୀ ରେ ଛାତ୍ର ଉପସ୍ଥାନ, ସଂଖ୍ୟା ତଥା ମେଟ୍ରିକ ପରୀକ୍ଷା ଫଳ ବେଶ ସନ୍ତୋଷଜନକ ଥିବା ଆଲୋଚନାରେ ଜଣାଯାଇଥିଲା । ଯେହେତୁ ଧିରେ ଧିରେ ସରକାରୀ ସ୍କୁଲରେ ଛାତ୍ର ଓ ଅଭିଭାବକଙ୍କ ନାମଲେଖା ପାଇଁ ଉତ୍ସାହ ବଢୁଛି ତେଣୁ ଏଠାରେ ଅତିରିକ୍ତ ଶ୍ରେଣୀଗୃହ ପାଇଁ ଶିକ୍ଷକ ଶିକ୍ଷୟତ୍ରୀମାନେ ନରସିଂହଙ୍କ ଦୃଷ୍ଟିକୁ ଆଣିଥିଲେ । ତା ସହ ପି.ପି. ଏକାଡେମୀର ନିଜସ୍ୱ ଖେଳ ପଡିଆ ନ ଥିବାରୁ ଏହା ପାଇଁ କିଛି ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ଶ୍ରୀ ମିଶ୍ରଙ୍କ ଆଗରେ ଶିକ୍ଷକ କର୍ମଚାରୀମାନେ ଦାବି ରଖିଥିଲେ । ଛାତ୍ର ସଂଖ୍ୟା ଦୃଷ୍ଟିରୁ ଆଉ ଜଣେ ବିଜ୍ଞାନ ଶିକ୍ଷକ ଦରକାର ବୋଲି ପ୍ରଧାନ ଶିକ୍ଷକ ଆଲୋଚନା ବେଳେ କହିଥିଲେ ଏବଂ ଯେହେତୁ ଏଠାରେ ଶିକ୍ଷା ସମ୍ବନ୍ଧୀୟ ପରୀକ୍ଷା ହେଉ କାର୍ଯ୍ୟକ୍ରମ ହେଉ ସବୁବେଳେ ଅନୁଷ୍ଠିତ ହେଉଛି ଆଗାମୀ ଦିନରେ ପିଅନ ନିଯୁକ୍ତି ବେଳେ ଜଣେ ପୁରୁଷ ପିଅନ ନିଯୁକ୍ତି ଉପରେ ଗୁରୁତ୍ୱାରୋପ କରିଥିଲେ । ପରେ ବିଦ୍ୟାଭୂଷଣ ସଂସ୍କୃତ



ମହାବିଦ୍ୟାଳୟ ରେ ଆଲୋଚନା ବେଳେ ଜଣାପଡିଲା ଯେ ବହୁ ବର୍ଷ ହେବ ଏହି ଶିକ୍ଷାନୁଷ୍ଠାନ ବିନା ନିୟମିତ ଅଧକ୍ଷରେ ଚାଲିଛି । ତେଣୁ ଅଧାପନା ସାଙ୍ଗକୁ କଲେଜ ପରିଚାଳନାଗତ ଅନେକ ସମସ୍ୟା ଛାତ୍ରମାନେ ଭୋଗୁଛନ୍ତି ବୋଲି ଏହାର ଭାରପ୍ରାପ୍ତ ଅଧକ୍ଷ ଶ୍ରୀ ମିଶ୍ରଙ୍କୁ ଜଣାଇଥିଲେ । ସବୁଠାରୁ ଆଶ୍ଚର୍ଯ୍ୟଜନକ କଥା ହେଲା ଏହି ଶିକ୍ଷାନୁଷ୍ଠାନ ରେ ଏକ ସଂସ୍କୃତ ବିଦ୍ୟାଳୟ ଚାଲିଛି ଯାହାକି ଏ ବର୍ଷ ଶିକ୍ଷକ, କର୍ମଚାରୀ ଅଭାବରୁ କୌଣସି ଅଭିଭାବକ ତାଙ୍କ ପିଲାମାନଙ୍କୁ ଏଠାରେ ନାମ ଲେଖାଉ ନାହାନ୍ତି । ଏ ଦିଗରେ ଶ୍ରୀ ମିଶ୍ର ନିଶ୍ଚିତ ଭାବରେ ସରକାରଙ୍କୁ ଜଣାଇ ଏହି ଅନୁଷ୍ଠାନରେ ଯେପରି ଶିକ୍ଷକ ଯୋଗ ଦେବେ ସେ ଉପରେ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୃତି ଦେଇଥିଲେ । ସଂସ୍କୃତ ମହାବିଦ୍ୟାଳୟ କଥା ମଧ୍ୟ ଠିକ୍ ସମାନ । ନିୟମିତ ଅଧାପକ ବଦଳରେ ଅତିଥି ଅଧାପକ ସଂଖ୍ୟା ଏଠି ଅଧିକ । ଯେହେତୁ ସଂସ୍କୃତି ମହାବିଦ୍ୟାଳୟ ରେ ଛାତ୍ର ଛାତ୍ରୀ ସଂଖ୍ୟା ପ୍ରାୟତଃ ପୂର୍ଣ୍ଣ ଥାଏ କିନ୍ତୁ ନିୟମିତ ଅଧାପକଙ୍କ ଅଭାବ ଯୋଗୁଁ ପାଠପଢାରେ ଘୋର ବ୍ୟାଘାତ ହେଉଛି ବୋଲି ଆଲୋଚନା ବେଳେ ଅଧକ୍ଷ ଓ ଅଧାପକମାନେ ଅଭିଯୋଗ ବାଢିଥିଲେ । ସଂସ୍କୃତ ବିଦ୍ୟାଳୟରେ ଆୟୁର୍ବେଦ ପାଠ ପଢାଇବାର ବ୍ୟବସ୍ଥା ଥିଲେ ହେଁ ଆୟୁର୍ବେଦ ଶିକ୍ଷକ ଅଭାବରୁ ଆୟୁର୍ବେଦ ଉପରେ କୌଣସି ପାଠ ପଢିବା ସମ୍ଭବ ହେଉନାହିଁ । ଏ ସବୁ ଅଭିଯୋଗ ର ଉତ୍ତରରେ ଶ୍ରୀ ମିଶ୍ର ସଂସ୍କୃତ ବିଦ୍ୟାଳୟ, ମହାବିଦ୍ୟାଳୟ ର ଶିକ୍ଷକ କର୍ମଚାରୀ, ଅଣ ଶିକ୍ଷକ କର୍ମଚାରୀ ପଦବୀ ପୁରଣ ପାଇଁ ସରକାରଙ୍କ ଉପରେ ଚାପ ପକାଯିବ, ପିପି ଏକାଡେମୀର ଖେଳ ପଡିଆ, ଡ୍ରେନେଜ ସିଷ୍ଟମର ଉନ୍ନତି, ଅତିରିକ୍ତ ଶ୍ରେଣୀଗୃହ ତଥା ଅନ୍ୟାନ୍ୟ ଭିତ୍ତିଭୂମି ଜନିତ ଅସୁବିଧା ପାଇଁ ବିଭାଗୀୟ ଯନ୍ତ୍ରୀଙ୍କ ସହ କଥା ହୋଇ ନିଶ୍ଚିତ ଭାବରେ ସମସ୍ୟାର ସମାଧାନ କରାଯିବ ବୋଲି ପ୍ରତିଶ୍ରୃତି ଦେଇଥିଲେ । ଆଜିର ଏହି ଆଲୋଚନା ସମୟରେ ସଂସ୍କୃତ ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧକ୍ଷ ଅରବିନ୍ଦ ଓଝା, ଧର୍ମରାଜ ବାଗ, ନିଳିମା ମେହେର, ରାଜଶ୍ରୀ ସାହୁ, ପ୍ରକାଶ ଷାଣ୍ଡ, ସ୍କୁଲର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ବିରେନ୍ଦ୍ର ଧରୁଆ, ପିପି ଏକାଡେମୀର ପ୍ରଧାନ ଶିକ୍ଷକ ଦ୍ୟୁତିରଂଜନ ମହାଲିଙ୍ଗ, ଅଂଶୁକା ଭୋଇ, କେତକି ଭୋଇ ଓ ଅନ୍ୟାନ୍ୟ ଶିକ୍ଷକ ଉପସ୍ଥିତ ଥିଲେ ।

# ବାଲି ମାଫିଆଙ୍କ ଉପରେ ବଡ଼ ଧରଣର ଚଢ଼ାଉ



ରାଜଗାଙ୍ଗପୁର,୧୨|୭(ନି.ପ୍ର.): ସୁନ୍ଦରଗଡ଼ ଜିଲ୍ଲା ଅନ୍ତର୍ଗତ ସଂଖ ନଦୀ କୂଳରୁ ବାରମ୍ବାର ବାଲି ଚୋରା ଚାଲାଣ ହେଉଥିବାର ଅଭିଯୋଗ ହେଉଥିବାରୁ ତିନି ଦିନ ତଳେ ଖଣି ବିଭାଗ ଓ ପୋଲିସ୍ ପ୍ରଶାସନ ପକ୍ଷରୁ ଦଳକି, ସାଜବାହାଲ ଏବଂ ସାଲଙ୍ଗାବାହାଲ ଗ୍ରାମ ରେ ଅବୈଧ ଭାବେ ଗଛିତ ୮୧ ଗୋଟି ବାଲି ଗଦା ମାପ କରି ସମୁଦାୟ ୧,୦୩,୩୮୪ ଘନ ମିଟର ବାଲି ଜବତ୍ କରାଯାଇଥିବା ବେଳେ ବାଲି ପରିବହନ କରୁଥିବା ଗୋଟିଏ ଟ୍ରକ କୁ ମଧ୍ୟ ଜବତ୍ ପରେ ଜରିମାନା ଆଦାୟ କରି ଖଣି ବିଭାଗର ହେପାଜତରେ ଦିଆଯାଇଥିଲା । ଆଜି ପୁଣି ସୁନ୍ଦରଗଡ଼ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଶ୍ରୀମତୀ ଅମ୍ରିତପାଲ କୌର ଙ୍କ ନିର୍ଦ୍ଦେଶକ୍ରମେ ଗଠିତ ସ୍ୱତନ୍ତ୍ର ଟିମ୍ ଲକ୍ଷ୍ମୀ ପୋଷ, ତରକେରା , ସମଲେଇମୁଣ୍ଡା ଗ୍ରାମ ରେ ଗଛିତ ଅବୈଧ ବାଲି ଗଦା କରି ରଖିଥିବା ବାଲି ଗଦା ସବୁ କୁ ମାପ କରି ବ୍ୟାପକ ପରିମାଣରେ ବାଲି ଜବତ୍ କରିବା ସହିତ ବଡ଼ ଅଙ୍କରେ ଜୋରିମାନା କରାଯାଇଥିବାର କୁହାଯାଉଛି । ଦିର୍ଘ ଦିନଧରି ସରକାର ବାଲିଘାଟ ନିଲାମ କରିନଥିବା ବେଳେ ନିର୍ବାଧରେ ବାଲି ଚୋରା ଚାଲାଣ ହେଉଥିବାରୁ କୋଟି କୋଟି ଟଙ୍କା ର ରାଜସ୍ୱ ହରାଇଛନ୍ତି ସରକାର ଏବଂ ଲୋକେ ନିଜ ପ୍ରତିକ୍ରିୟାରେ ଏହା ମଧ୍ୟ କହିଛନ୍ତି ଯେ, ରାଜ୍ୟ ରାଜପଥ କଡ଼ରେ ଏତେ ପରିମାଣରେ ବାଲି ଗଦା ହୋଇଥିବା ବେଳେ କ୍ଷମତା ସମ୍ପନ୍ନ ଅଧିକାରୀ ମାନେ ବାଲି ଚୋରା ଚାଲାଣ ବିଷୟରେ କେମିତି ଜାଣିପାରିଲେ ନାହିଁ ? ଏହା ହେଉଛି ଲୋକଙ୍କ ବଡ଼ ପ୍ରଶ୍ନ ।

ସୋମବାର ୧୩, ଜୁଲାଇ ୨୦୨୬, ଭୁବନେଶ୍ୱର
Monday, 13 July 2026 Bhubaneswar



'ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

## ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ।।
ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

# ଶୂନ୍ୟ ହେଉଛି ପରିବାରର କୋଳ

ଆଜିର ଆଧୁନିକ ତଥା କଥିତ ବିକଶିତ ସମାଜରେ ଏକ ଅତି ଗମ୍ଭୀର ଏବଂ ଚିନ୍ତାଜନକ ସାମାଜିକ ସଙ୍କଟ ଦେଖାଦେଇଛି, ଯାହା ଆମ ପାରମ୍ପରିକ ପାରିବାରିକ ମୂଲ୍ୟବୋଧ ଏବଂ ମାନବୀୟ ସମ୍ପର୍କର ମୂଳଦୁଆକୁ ଦୋହଲାଇ ଦେଇଛି, ଯାହାକୁ ନେଇ ଆଜି ପ୍ରଶ୍ନ ଉଠୁଛି ଯେ ଏହା କଣ ପ୍ରକୃତରେ ଏକ ବିକଶିତ ସମାଜର ଲକ୍ଷଣ। ସାଧାରଣତଃ ଆଜି ପ୍ରତ୍ୟେକ ଘରେ ପୁଅ ଅଛନ୍ତି ଏବଂ ଝିଅ ବି ଅଛନ୍ତି, ସେମାନେ ଉଚ୍ଚଶିକ୍ଷିତ, ସ୍ୱାବଲମ୍ବୀ ଏବଂ ଆର୍ଥିକ ଦୃଷ୍ଟିରୁ ସମୃଦ୍ଧ, କିନ୍ତୁ ସେମାନେ ବାହା ହେଉ ନାହାଁନ୍ତି, ଯାହା ଫଳରେ ସେମାନଙ୍କର ବୟସ ଗଡିଯାଉଛି ଏବଂ ବିବାହ ପ୍ରତି ଏକ ପ୍ରକାର ଅନାସକ୍ତି ପ୍ରକାଶ ପାଉଛି। ଏହି ବଦଳୁଥିବା ସାମାଜିକ ବ୍ୟବସ୍ଥାର ସବୁଠାରୁ ବଡ ପ୍ରଭାବ ଘରେ ଥିବା ବୃଦ୍ଧ ଜେଜେବାବା ଏବଂ ଜେଜେମାଆଙ୍କ ଉପରେ ପଡୁଛି, ଯେଉଁମାନେ ନିଜ ଜୀବନର ସାୟାହ୍ନରେ ନାତିନାତୁଣୀମାନଙ୍କ ସାନ୍ନିଧ୍ୟ ପାଉ ନାହାଁନ୍ତି, ସେମାନଙ୍କ କୋକ ଶୂନ୍ୟ ହୋଇ ରହୁଛି ଏବଂ ପିଲାମାନଙ୍କର ହସକାନ୍ଦ ଓ କୁନି କୁନି ପାଦର ଶବ୍ଦ ଶୁଣିବା ପାଇଁ ସେମାନଙ୍କ କାନ ଚାତକ ପରି ଚାହିଁ ରହୁଛି, ଯାହା ପାରିବାରିକ ସୁଖର ସବୁଠାରୁ ବଡ ଉତ୍ସ ଥିଲା। ଅନ୍ୟପଟେ ଏହି ସମସ୍ୟାର ସୁଯୋଗ ନେଇ କର୍ପୋରେଟ ଦୁନିଆ ଏକ ନୂଆ ବ୍ୟବସାୟର ଜାଲ ବିଛାଇ ଦେଇଛି, ଯେଉଁଥିପାଇଁ ଗଳି ଗଳିରେ କୃତ୍ରିମ ପ୍ରଜନନ କେନ୍ଦ୍ର ବା ଆଇଭିଏଫ୍ (ଓଠରେ) ସେଂଟର ମାଳ ମାଳ ଖୋଲିଲାଣି ଏବଂ ବଡବଡ କମ୍ପାନୀ ଏହାକୁ ନେଇ ଚକମକିଆ ଦୋକାନ ଖୋଲିଲେଣି, ଯେଉଁଠି ମାନବୀୟ ସମ୍ପର୍କ ଏବଂ ପ୍ରଜନନ ପ୍ରକ୍ରିୟାକୁ ଏକ ବ୍ୟବସାୟିକ ସାମଗ୍ରୀରେ ପରିଣତ କରାଯାଇଛି। ଆଜିର ଯୁବପିଢି କ୍ୟାରିୟର, ସ୍ୱାଧୀନତା ଏବଂ ବ୍ୟକ୍ତିଗତ ସୁଖ ସ୍ୱାଚ୍ଛନ୍ଦ୍ୟକୁ ଏତେ ପ୍ରାଧାନ୍ୟ ଦେଉଛନ୍ତି ଯେ ସେମାନେ ବିବାହ ଭଳି ଏକ ପବିତ୍ର ତଥା ଦାୟିତ୍ୱପୂର୍ଣ୍ଣ ସାମାଜିକ ବନ୍ଧନକୁ ଏକ ବୋଝ ବୋଲି ଭାବୁଛନ୍ତି, ଯାହା ଦ୍ୱାରା ସେମାନଙ୍କ ଜୀବନର ସୁବର୍ଣ୍ଣ ସମୟ ବାହା ନହୋଇ କେବଳ ଅଫିସର କାମ ଏବଂ କୃତ୍ରିମ ଆମୋଦପ୍ରମୋଦ ମଧ୍ୟରେ ଗଡିଯାଉଛି। ବୟସ ଗଡିଯିବା ପରେ ଯେତେବେଳେ ସେମାନେ ପରବର୍ତୀ ସମୟରେ ବଂଶ ରକ୍ଷା କିମ୍ବା ସନ୍ତାନ ସୁଖ ପାଇଁ ଚେଷ୍ଟା କରୁଛନ୍ତି, ସେତେବେଳେ ପ୍ରାକୃତିକ ପ୍ରଜନନ କ୍ଷମତା ହ୍ରାସ ପାଇସାରୁଛି ଏବଂ ସେମାନଙ୍କୁ ବାଧ ହୋଇ ଏହି ବଡ ବଡ କମ୍ପାନୀର କୃତ୍ରିମ ପ୍ରଜନନ କେନ୍ଦ୍ରଗୁଡିକର ଦ୍ୱାରସ୍ଥ ହେବାକୁ ପଡୁଛି, ଯେଉଁଠି ଲକ୍ଷ ଲକ୍ଷ ଟଙ୍କା ବିନିମୟରେ ପ୍ରାକୃତିକ ମାତୃତ୍ୱ ଏବଂ ପିତୃତ୍ୱକୁ ବିକ୍ରି କରାଯାଉଛି। ଏହି ସ୍ଥିତିକୁ ଦେଖିଲେ ମନରେ ପ୍ରଶ୍ନ ଉଠେ ଯେ ଏହା କଣ ବିକଶିତ ସମାଜର ଲକ୍ଷଣ, ଯେଉଁଠି ମଣିଷ ପାଖରେ କୋଠାବାଡି, ଗାଡିମୋଟର ଏବଂ ବ୍ୟାଙ୍କ ବାଲାନ୍ସ ତ ଅଛି, କିନ୍ତୁ ଏକ ପୂର୍ଣ୍ଣାଙ୍ଗ ପରିବାର ସୁଖ ନାହିଁ, ଯେଉଁଠି ପ୍ରକୃତିର ନିୟମକୁ ଅବମାନନା କରି କୃତ୍ରିମ ଉପାୟରେ ସନ୍ତାନ ଜନ୍ମ କରିବାକୁ ସମ୍ଭ୍ରାନ୍ତ ଶ୍ରେଣୀର ଲକ୍ଷଣ ବୋଲି ଭାବି ନିଆଯାଉଛି। ପାରମ୍ପରିକ ଭାରତୀୟ ସମାଜରେ ବିବାହ ଏବଂ ସନ୍ତାନ ଜନ୍ମ ଏକ ନୈସର୍ଗିକ ତଥା ଆଧ୍ୟାତ୍ମିକ ପ୍ରକ୍ରିୟା ଥିଲା, ଯାହା ପରିବାରର ତିନୋଟି ପିଢିକୁ ଏକାଠି ବାନ୍ଧି ରଖୁଥିଲା, କିନ୍ତୁ ଆଜିର ପାଶ୍ଚାତ୍ୟ ଅନ୍ଧାନୁକରଣ ଏବଂ ଅତ୍ୟଧିକ ବସ୍ତୁବାଦୀ ଚିନ୍ତାଧାରା ଯୋଗୁଁ ଯୁବପିଢି ସମ୍ପର୍କର ମଧୁରତା ହରାଉଛନ୍ତି ଏବଂ ଏକାକୀପଣର ଶିକାର ହେଉଛନ୍ତି। ଜେଜେବାପା ଓ ଜେଜେମାଆମାନଙ୍କ ଶେଷ ଜିବନର ସାହାରା ହେବାକୁ ଥିବା ନାତିନାତୁଣୀମାନଙ୍କ ଅଭାବ ପରିବାରଗୁଡିକୁ ଶ୍ମଶାନ ଭଳି ନିରବ କରିଦେଉଛି ଏବଂ ବୟସ୍କମାନେ ଏକ ପ୍ରକାର ମାନସିକ ଅବସାଦ ମଧ୍ୟକୁ ଠେଲି ହୋଇଯାଉଛନ୍ତି, କାରଣ ସେମାନେ ନିଜ ରକ୍ତର ଉତରାଧିକାରୀକୁ ଦେଖିବାକୁ ପାଉନାହାନ୍ତି। ଏହି କୃତ୍ରିମ ପ୍ରଜନନ କେନ୍ଦ୍ରଗୁଡିକର ବ୍ୟବସାୟିକ ସଫଳତା ପ୍ରକୃତରେ ଆମ ସମାଜର ବୈଜ୍ଞାନିକ ପ୍ରଗତିକୁ ଦର୍ଶାଉ ନାହିଁ, ବରଂ ଏହା ଆମର ସାମାଜିକ ଏବଂ ଶାରୀରିକ ଅବକ୍ଷୟର ଜ୍ୱଳନ୍ତ ପ୍ରମାଣ, ଯେଉଁଠି ସୁସ୍ଥ ଜୀବନଶୈଳୀ ଏବଂ ସଠିକ୍ ସମୟରେ ବିବାହ ନକରିବା ଯୋଗୁଁ ମଣିଷ ନିଜର ପ୍ରାକୃତିକ କ୍ଷମତା ହରାଇ ମେସିନ୍ ଉପରେ ନିର୍ଭରଶୀଳ ହୋଇପଡୁଛି। ଏକ ପ୍ରକୃତ ବିକଶିତ ସମାଜ ସେଇଟି, ଯେଉଁଠି ଆଧୁନିକ ଜ୍ଞାନକୌଶଳର ବିକାଶ ସହିତ ପାରିବାରିକ ସ୍ନେହ, ଶ୍ରଦ୍ଧା, ପରମ୍ପରା ଏବଂ ସମ୍ପର୍କର ପବିତ୍ରତା ବଜାୟ ରହିଥାଏ, କିନ୍ତୁ ଯେଉଁ ସମାଜରେ ବାହାଘର ବୟସ ଗଡିଯିବାକୁ ଏକ ଫ୍ୟାଶନ୍ ବୋଲି ଭାବି ନିଆଯାଏ ଏବଂ କୋଳକୁ ପିଲା ଆଣିବା ପାଇଁ ବଡ ବଡ କମ୍ପାନୀର ବ୍ୟବସାୟିକ କେନ୍ଦ୍ରକୁ ଯିବାକୁ ପଡେ, ତାହା କେବେ ବି ବିକଶିତ ହୋଇପାରିବ ନାହିଁ, ବରଂ ଏହା ସଭ୍ୟତାର ଏକ ଭୟଙ୍କର ଅବକ୍ଷୟର ସୂଚନା ଦିଏ। ତେଣୁ ପରିବାର, ବିବାହ ଏବଂ ସମ୍ପର୍କର ଗୁରୁତ୍ୱ ବୁଝାଇବାକୁ ହେବ, ଯେପରି ପ୍ରତ୍ୟେକ ଘରେ ପୁଣି ଥରେ ପ୍ରାକୃତିକ ଭାବେ ହସର ଲହରୀ ଖେଳିଯିବ ଏବଂ ଜେଜେବାପା-ଜେଜେମାଆମାନେ ନିଜ ନାତିନାତୁଣୀଙ୍କୁ କୋଳକୁ ନେଇ ଜୀବନର ସାର୍ଥକତା ଅନୁଭବ କରିପାରିବେ।

# 'ପିତା ମାତା ପରି ଆଉ କେ ଅଛି ସଂସାରେ, ଧନ୍ୟ ସେ ଯେ ଦିଏ ପ୍ରାଣ ତାଙ୍କରି ସେବାରେ

## ଡଃ.ଅରୁନ୍ଧତୀ ଦେବୀ

'ପିତା ମାତା ପରି ଆଉ କେ ଅଛି ସଂସାରେ, ଧନ୍ୟ ସେ ଯେ ଦିଏ ପ୍ରାଣ ତାଙ୍କରି ସେବାରେ। ବୈକୁଣ୍ଠ ସମାନ ଆହା ଅଟେ ସେହି ଘର, ପରସ୍ପର ସ୍ନେହ ଯହିଁ ଥାଏ ନିରନ୍ତର'- ମଧୁସୂଦନଙ୍କ କାଳଜୟୀ ଏହି ଦୁଇପଦ ପରିବାରର ଆସନକୁ ବୈକୁଣ୍ଠ ସମାନ ସ୍ଥାନ ଦେଇଛି। ଆମ ଭାରତୀୟ ପରିବାରକୁ ଦେଖିଲେ ସୁସ୍ଥ ସମାଜ ଓ ସୁଦୃଢ଼ ସମ୍ପ୍ରଦାୟ ତିଆରି କରିବା ପାଇଁ ପରିବାରର ଗୁରୁତ୍ୱ ସବୁଠାରୁ ଅଧିକ। ଅନେକ ଅର୍ଥନୈତିକ, ଜଞ୍ଜାଳଚକ୍ର, ତେଲ ଲୁଣର ଚିନ୍ତା ଓ ସଂଘର୍ଷ, ଆହ୍ୱାନ ଓ ପ୍ରଯୁକ୍ତିଗତ ଅଗ୍ରଗତି ସତ୍ତ୍ୱେ ପରିବାର ପ୍ରତ୍ୟେକ ମଣିଷର ଏକ ମୌଳିକ ଆବଶ୍ୟକତା ହୋଇ ରହିଛି। ପରିବାର ହିଁ ସେହିପରି ଏକ ପୁଣ୍ୟକ୍ଷେତ୍ର ଯେଉଁଠି ଜଣେ ବାଲ୍ୟକାଳରୁ ହିଁ ଜୀବନରେ ନିତି ନୈତିକତା, ମାନବୀୟ ମୂଲ୍ୟବୋଧ, ଆଦର୍ଶ, ସଂସ୍କାର ଶିକ୍ଷା ପାଇବା ସହିତ ଏକ ଆବେଗପୂର୍ଣ୍ଣ ସୁସ୍ଥତା ଓ ସାଂସ୍କୃତିକ ପରିଚୟ ପ୍ରଦାନ କରିଥାଏ। ତେଣୁ ପରିବାରକୁ ପ୍ରଭାବିତ କରୁଥିବା ସମସ୍ୟା ଆହ୍ୱାନ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ପାଇଁ ପ୍ରତି ବର୍ଷ ବିଶ୍ୱ ପରିବାର ଦିବସ ପାଳନ ହୋଇଥାଏ। ପ୍ରତିବର୍ଷ ଗୋଟିଏ ଗୋଟିଏ ଶିକ୍ଷାଦାୟୀ ବାର୍ତ୍ତା ରହିଥାଏ ଏ ବର୍ଷର ବାର୍ତ୍ତା ରହିଛି - 'ପରିବାର, ଅସମାନତା ଓ ଶିଶୁଙ୍କ ସୁସ୍ଥତା'। ସଂପ୍ରତି ବିଶ୍ୱ ସ୍ତରରେ ଯେଉଁପରି ନାନାଦି ସଙ୍କଟ, ସାମାଜିକ, ଅର୍ଥନୈତିକ, ସାମରିକ, ବୈଶମ୍ୟ, ଜଳବାୟୁର ଅଚିନ୍ତନୀୟ ଅସ୍ୱାଭାବିକ ଆହ୍ୱାନ ଅନେକ ପରିବାରର ଜୀବନ ବିଶେଷକରି ଶିଶୁଙ୍କ ଭବିଷ୍ୟତ ପାଇଁ ପ୍ରଭାବ ସୃଷ୍ଟି କରୁଛି। ତେଣୁ ଏହି ଆହ୍ୱାନକୁ ମୁକାବିଲା କରିବା ପାଇଁ ମିଳିତ ଜାତିସଂଘ ପରିବାର କୈନ୍ଦ୍ରିକ ନୀତି ପ୍ରଣୟନ ସହିତ ଶିଶୁଙ୍କ ସାମଗ୍ରିକ ସୁସ୍ଥ ବିକାଶତା ପାଇଁ ଆହ୍ୱାନ ଦେଇଛି।

ପରିବାର ପାଇଁ ଜଣେ କିପରି ତ୍ୟାଗ ନିର୍ବାହ କରିପାରେ, ଆଜିର ଗଣମାଧ୍ୟମର ଖବରଟି ମୋ ପାଇଁ ଯେତିକି ଚକିତ କଲାଭଳି ଥିଲା ସେତିକି ମର୍ମାନ୍ତିକ ମଧ୍ୟ। ଜଣେ ମାଆ ନିଜ ପିଲାର ସୁରକ୍ଷା ପାଇଁ କିଛି ବି କରିପାରେ। ନିଜ ପିଲାଟି ଉପରେ ଟିକିଏ ବି ଧୂଳିର ବିପଦ ଆସିଲେ ମାଆ ପଣତ କାନି ଘେରାଇ ଦେଇଥାଏ, ପୁଅ ପାଇଁ ନିଜ ଜୀବନକୁ ପ୍ରଥମେ ହିଁ ବାଜିରେ ଲଗାଇ ଦିଏ। ଏହିପରି ଏକ ବଡ଼ ଘଟଣା ସଂଗଠିତ ହୋଇଛି ମେକ୍ସିକୋରେ। ଜଣେ ବିଚାରପତି ରାମାରେଜ ଦୃଷିଆଗା। ୩୫ ବର୍ଷୀୟ ଏହି ବିଚାରପତି ମେ ୩ ତାରିଖରେ ନିକଟସ୍ଥ ଏକ ସ୍ପୋର୍ଟସ କମ୍ପ୍ଲେକ୍ସରେ ଖେଳ ଦେଖିବା ପାଇଁ ନିଜ ତିନି ବର୍ଷୀୟ ପୁଅ ସହିତ ଯାଇଥିଲେ। ଅଚାନକ ମହୁମାଛି ମାନେ ଚାରିଆଡୁ ସାଂଘାତିକ ଭାବେ ରାମାରେଜ ଓ ତାଙ୍କ ପୁଅ ତଥା ଅନ୍ୟମାନଙ୍କ ଉପରେ ମଧ୍ୟ ଆକ୍ରମଣ କରିଦେଇଥିଲେ ତେବେ ପୁଅକୁ ସୁରକ୍ଷା ଦେବା ପାଇଁ ରାମାରେଜ ନିଜେ ପିନ୍ଧିଥିବା ବଡ଼ ସ୍ୱିଟରକୁ ଖୋଲି ପୁଅକୁ ଘୋଡ଼ାଇ ଦେଇଥିଲେ କିନ୍ତୁ ନିଜେ ମହୁମାଛିଙ୍କ ତୀବ୍ର ବିଷାକ୍ତ ଦଂଶନର ଶିକାର ହୋଇଥିଲେ। ନଅ ଦିନ ହସ୍ପିଟାଲରେ ମୃତ୍ୟୁ ସହିତ ଲଢ଼ି ଶେଷରେ ତାଙ୍କ ଜୀବନ ଚାଲିଯାଇଛି। ଜଣେ ମାଆ ନିଜ ପିଲାଟି ପାଇଁ କିପରି ଯେ ନିଜ ଜୀବନକୁ ଦେଇ ପାରେ ଏହା ବଡ଼ ଉଦାହରଣ ଆଉ ନାହିଁ। ପଲ୍ଲୀ କବି ନନ୍ଦକିଶୋର ବଳଙ୍କ ଲେଖନୀଟି ମନେପଡୁଛି - 'ମାତୃସ୍ନେହ ସମ କି ଅଛି ସଂସାରେ, ଅଟେ ତା ସରଗ ସୁଧା ଅନନ୍ତ ଅକ୍ଷୟ ଅମୃତ ଭଣ୍ଡାର ପାନେ ନ ମେଣ୍ଟଇ କ୍ଷୁଧା।'

ଯଥାର୍ଥରେ କୁହାଯାଏ ଘର ହିଁ ସ୍ୱର୍ଗ। ଘର ହିଁ ଦେବତାଙ୍କ ନିବାସ ଦେବାଳୟ। ଯେଉଁଠି ପିତାମାତା ଓ ଗୁରୁଜନଙ୍କ ପରି ଦେବତାମାନେ ବିରାଜିତ। ଆମ ହାତ ପାହାନ୍ତାରେ ଏହି ଜୀବନ୍ତ ଦେବତାମାନେ ଆମ୍ଭମାନଙ୍କୁ ଭଲ ରାସ୍ତା ଦେଖାଇବା ପାଇଁ ସବୁବେଳେ ଆଶୀର୍ବାଦ ପରାମର୍ଶ ଦେଇଥାନ୍ତି। ଘରର ଗୃହକର୍ତ୍ତା ଭାବେ ଯିଏ ଦାୟିତ୍ୱ ସମ୍ପାଦନ କରିଥାନ୍ତି ତାଙ୍କ ଉପରେ ସବୁବେଳେ ଗୁରୁଦାୟିତ୍ୱ ରହିଥାଏ। ଗୃହକର୍ତ୍ତାଙ୍କ ପରାମର୍ଶ, ମତାମତ ଓ ମାର୍ଗଦର୍ଶନରେ ଘରଟି ଚାଲିଲେ କୌଣସି ବିପଦ ଆପଦକୁ ଏହା ସମ୍ମୁଖୀନ ହେବାର ଅବକାଶ ମିଳିନଥାଏ। କଥାରେ ଅଛି - 'ସଂସାର ଭିତରେ ଘର କରିଥିଲେ ପଥର ପଡ଼ିଲେ ସହି।' ଅର୍ଥାତ୍ ସଂସାରର ଡଙ୍ଗା ବାହିନେବା ବେଳେ ସୁଖ ଓ ଦୁଃଖର ଜୁଆର ଆଉ ଭଟ୍ଟାକୁ ସମ୍ମୁଖୀନ ହେବାକୁ ପଡ଼ିଥାଏ। କିନ୍ତୁ କୌଣସି ପରିସ୍ଥିତିରେ ଧୈର୍ଯ୍ୟହରା ନହୋଇ ମାନବୀୟ ମୂଲ୍ୟବୋଧକୁ ଆପଣାଇ ସଂସାରର ଦାୟିତ୍ୱବୋଧତାକୁ ସମ୍ପାଦନ କରିବା ହିଁ ଯଥାର୍ଥ ମଣିଷ ପଣିଆ।

ଘର ହିଁ ସ୍ୱର୍ଗ। ଆଉ ଘର ହେଉଛି ସବୁଠାରୁ ଜଣଙ୍କ ପାଇଁ ସୁନ୍ଦର ଓ ସୁରକ୍ଷିତ ଆଶ୍ରୟସ୍ଥଳ। ଘର ପରି ବୈକୁଣ୍ଠ ଏ ସୃଷ୍ଟିରେ ଆଉ କିଛି ହିଁ ନାହିଁ। ତଥାପି ଭୁଲବୁଝାମଣାର ବିଭେଦତା ପରିବାର ଭିତରେ ବେଳେବେଳେ ଦୁଃଖ, ଝଡ଼ ଆଉ ଝଞ୍ଜାର କାଳ ବୈଶାଖୀକୁ ସାମ୍ନା କରିଥାଏ। ତଥାପି କିନ୍ତୁ ବୈକୁଣ୍ଠ ସମାନ ଘର କେବେ ବି ଭାଙ୍ଗି ନଥାଏ। ଭାଇଚାରା, ଭଲ ପାଇବାର ବନ୍ଧନୀ, ଗୁରୁଜନଙ୍କ ପ୍ରତି ସମ୍ମାନ ଓ ଭକ୍ତି, ଲଘୁଜନଙ୍କ ପ୍ରତି ପ୍ରେମ ଓ କର୍ତ୍ତବ୍ୟର ଦାୟିତ୍ୱ ବୋଧତା ଗୋଟିଏ ରଜ୍ଜୁରେ ସମସ୍ତଙ୍କୁ ବାନ୍ଧିଥାଏ। ପରିବାରର ବାହାରକୁ ଦେଖା ଦେଉଥିବା ଝଡ଼ ଦୁଃଖଦ ମୁହୂର୍ତ୍ତରେ ପରିବାରର ସମସ୍ତେ ଗୋଟାଏ ବିଡ଼ାର କାଠ ପରି ବାନ୍ଧି ହୋଇ ଶକ୍ତିଶାଳୀ ହୋଇଯାଇଥାନ୍ତି। ଆଜି ବିଶ୍ୱ ପରିବାର ଦିବସ ଦିନରେ ସୁଦୂର ମେକ୍ସିକୋର ବିଚାରପତି ମାଆ ରାମାରେଜଙ୍କ ନିଜ ପୁଅଙ୍କ ଜୀବନ ପାଇଁ ଯେଉଁ ତ୍ୟାଗ, କେଜାଣି କାହିଁକି ସେହି ଅମୃତର ଚେତନା ଆମ ମାନଙ୍କୁ ନିଶ୍ଚିନ୍ତ ବୈକୁଣ୍ଠ ସମାନ ଘରର ମୂଲ୍ୟବୋଧତାକୁ ଅନୁଭବ କରି ପରିବାରର ସମ୍ମାନ, ସଂସ୍କାର ଓ ପରମ୍ପରାକୁ ଉଜ୍ଜୀବିତ କରି ଯଥାର୍ଥ ମାନବୀୟ ଜୀବନକୁ ପ୍ରତିପାଦନ କଲେ ଏହା ହିଁ ହେବ ପରିବାର ପ୍ରତି ଶ୍ରେଷ୍ଠ ଦାୟିତ୍ୱବୋଧତା। କାନ୍ତକବି ଲକ୍ଷ୍ମୀକାନ୍ତଙ୍କ କାଳଜୟୀ ସ୍ତୁତିଟି ଉଲ୍ଲେଖ କରୁଛି - 'ପିତାମାତା କରିଛନ୍ତି ଶରୀର ପାଳନ, ଯାହାଙ୍କ ଦୟାରେ ରହିଅଛି ଏ ଜୀବନ। ତାଙ୍କ ପାଦରେ ଜୁହାର; ତାଙ୍କ ଋଣ ଶୁଝିବାକୁ ଶକତି କାହାର।'

ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ, ଦୂରଭାଷ : ୯୯୩୭୧୭୨୮୧୦

# ବୈକୁଣ୍ଠ ସମାନ ଘର ଓ ପାରିବାରିକ ହିଂସା

## ନିବେଦିତା ପ୍ରିୟଦର୍ଶିନୀ ଶୁକ୍ଳା

ପରିବାର ଗଠନର ମୂଳ ଉଦ୍ଦେଶ୍ୟ ହେଉଛି ସାମାଜିକ ଶୃଙ୍ଖଳା ଓ ସୁରକ୍ଷା। ଯେଉଁଠି ସମସ୍ତେ ନିରନ୍ତର ପରସ୍ପର ସ୍ନେହ ଓ ମମତାର ରଜ୍ଜୁରେ ବାନ୍ଧିହୋଇ ସୁରକ୍ଷିତ ରହିଥାନ୍ତି। ମନୁଷ୍ୟ ଜୀବନର ସୁଖ ଓ ଶାନ୍ତିର ଏକ ସଫଳ ମାଧ୍ୟମ ରୂପେ ପରିବାରର ଭୂମିକା ବହୁତ ଯୁଗରୁ ସ୍ୱୀକୃତ ହୋଇଥିଲେ ମଧ୍ୟ ବର୍ତ୍ତମାନ ଏହି ପ୍ରତ୍ୟାସାରେ ଏକ ବିରାଟ ବାଧା ସୃଷ୍ଟି ହୋଇଛି। ବାହ୍ୟ ଜଗତରେ ରାସ୍ତା ପାର୍ଶ୍ୱର ହିଂସା ଆମର ସାମଗ୍ରିକ ଜୀବନକୁ ଅଶାନ୍ତ କରିବା ସହିତ ପାରିବାରିକ ହିଂସା ମଧ୍ୟ ଉଦବେଗର କାରଣ ହୋଇଛି। ଦିନକୁ ଦିନ ଘରୋଇ ନିର୍ଯାତନା ମାମଲା ବଢ଼ିବାରେ ଲାଗିଛି। ଯାହାକୁ ନେଇ ସମାଜର ସବୁ ମହଲରୁ ଚିନ୍ତା ପ୍ରକଟ ହେଉଛି। ମହିଳା ମାନଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ୨୦୦୫ ମସିହାରେ ଘରୋଇ ହିଂସା ଆଇନ ପ୍ରଣୟନ ହୋଇଛି। 'ଦି ନ୍ୟାସନାଲ ଫ୍ୟାମିଲି ହେଲଥ ସର୍ଭେ (ଘରଐଝ-୫, ୨୦୧୯-୨୧) ଦ୍ୱାରା ପ୍ରଦତ୍ତ ତଥ୍ୟ ଅନୁଯାୟୀ, ଭାରତର ପ୍ରାୟ ୩୨% ବିବାହିତ ମହିଳା (୧୮ରୁ ୪୯ ବର୍ଷ ବୟସର) ନିଜ ଜୀବନକାଳ ମଧ୍ୟରେ ଅନ୍ତତଃ ଥରେ ସ୍ୱାମୀଙ୍କ ଦ୍ୱାରା ଘରୋଇ ହିଂସାର ଶିକାର ହୋଇଥାନ୍ତି। ୨୯% ମହିଳାଙ୍କ ସ୍ୱାମୀ ସେମାନଙ୍କ ଉପରେ ଶାରୀରିକ ଓ ଯୌନ ହିଂସାର ପ୍ରୟୋଗ କରିଥାନ୍ତି। ପ୍ରାୟ ୨୫% ବିବାହିତ ମହିଳା ଆଖିରେ ଆଘାତ, ହାତ-ଗୋଡ଼ ମକଚି ହେବା, ସେ ସବୁର ହାଡ଼ ଖସିଯିବା (ୟସସ୍ୱକ୍ଷକ୍ଟମବସ୍ୱସକ୍ଟଭ) କିମ୍ବା ଭାଙ୍ଗି ଯିବା ତଥା ଦାନ୍ତ ଭାଙ୍ଗିଯିବା ଭଳି ହିଂସାର ଶିକାର ହେବା ନେଇ ରିପୋର୍ଟ କରିଥାନ୍ତି। ଦେଶର ୧୨.୫% ଅବିବାହିତା ମହିଳା ମଧ୍ୟ ଘରୋଇ ଶିକାର ହୋଇଥାନ୍ତି। 'ନ୍ୟାସନାଲ କ୍ରାଇମ ରେକର୍ଡ଼ସ ବ୍ୟୁରୋର ୨୦୨୨ର ପରିସଂଖ୍ୟାନ ଅନୁଯାୟୀ୧,୪୦,୦୧୯ ମହିଳା ସେମାନଙ୍କ ସ୍ୱାମୀ କିମ୍ବା ସ୍ୱାମୀଙ୍କ ପରିବାର ଦ୍ୱାରା ଘରୋଇ ହିଂସା ଶିକାର ହୋଇଥିଲେ। ରାଜ୍ୟ ଗୁଡ଼ିକ ଦୃଷ୍ଟିରୁ ବିଚାର କଲେ କର୍ଣ୍ଣାଟକ, ବିହାର, ମଣିପୁର, ତେଲେଙ୍ଗାନ ଓ ତାମିଲନାଡୁ ଆଦି ରାଜ୍ୟରେ ସର୍ବାଧିକ ଘରୋଇ ହିଂସା ସମ୍ପର୍କିତ ଘଟଣା ଘଟିଥାଏ। ଘରୋଇ ହିଂସା ସମୁଦାୟ ଲିଙ୍ଗଗତ ହିଂସାର ପ୍ରାୟ ୪୦%। କିନ୍ତୁ ରିପୋର୍ଟ କରାଯାଏ ମାତ୍ର ୮% କିମ୍ବା ତା ଠାରୁ କମ ସଂଖ୍ୟକ ମାମଲା।

ଭକ୍ତକବି ମଧୁସୂଦନ ରାଓ ଭାଷାରେ 'ବୈକୁଣ୍ଠ ସମାନ ଆହା ଅଟେ ସେହି ଘର, ପରସ୍ପର ସ୍ନେହ ଯହିଁଥାଏ ନିରନ୍ତର।' ଆମ ସଂସ୍କୃତିରେ ପରିବାରର ଭୂମିକା ବେଶ ଗୁରୁତ୍ୱପୂର୍ଣ୍ଣ। ସନ୍ତାନର ପାଳନ ପୋଷଣ ଠାରୁ ଆରମ୍ଭ କରି ବୟସ୍କଙ୍କୁ ସ୍ନେହ ଆଦର, ସେବାଯତ୍ନ ଯୋଗାଇଦେବା ଓ ଭାଇ ଭଉଣୀ ତଥା ଭାଇ ଭାଇ ଭିତରେ ପାରସ୍ପରିକ ସହାନୁଭୂତି ଓ ସହଯୋଗ ପର୍ଯ୍ୟନ୍ତ ସବୁକିଛି ପରିବାର ଗଠନର ମୂଳ ଭିତ୍ତିବୋଲି କୁହାଯିବ। ଶିଶୁର ଲାଳନପାଳନରେ ବାପା-ମାଆଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ହେଲେ ବି ପରିବାରର ଅନ୍ୟାନ୍ୟ ସଦସ୍ୟଯଥା ଜେଜେ, ଜେଜେ ମାଆ ଓ ଅନ୍ୟମାନଙ୍କ ଭୂମିକା ବି କିଛି କମ ନୁହେଁ। ସେଥିପାଇଁ ଆଗକାଳରେ ଯୌଥ ପରିବାରର ବଡ଼ ଭୂମିକା ଥିଲା। ସଂପର୍କର ବିଭିନ୍ନ ଭାଗମାପ ବଜାୟ ରହିଥଲା। ସାନମାନେ ବଡ଼ ମାନଙ୍କୁ ଆଦର ସମ୍ମାନ କରୁଥିବାବେଳେ ବଡ଼ମାନେ ସ୍ନେହ ଓ ଅନୁଶାସନରେ ସାନ ମାନଙ୍କ ଚରିତ୍ର ଗଠନ କରୁଥିଲେ। ଉଦାରତା, ତ୍ୟାଗ, କର୍ତ୍ତବ୍ୟପରାୟଣତା ଦ୍ୱାରା ବୃହତ ପରିବାର ଗୁଡ଼ିକ ତିଷ୍ଠି ରହୁଥିଲା। କାଳକ୍ରମେ ସେଥିରେ ସ୍ୱାର୍ଥପରତା, ଛଳନା, କୁଟିଳତା ପରିଲକ୍ଷିତ ହେବାରୁ ଯୌଥ ପରିବାର ଏକାନ୍ନବର୍ତ୍ତୀ ପରିବାରରେ ପରିଣତ ହେଲା। ଯେଉଁଠି ନା ରହିଲା ପାରସ୍ପରିକ ସାହାଯ୍ୟ କିମ୍ବା ସହଯୋଗ। ଅଧିକ ସୁଖ ପାଇବାକୁ ଯାହା କରାଗଲା ସେଥିରେ ବି ସୁଖୀ ହୋଇପାରିଲେନି କେହି। ଫଳରେ ଦିନକୁ ଦିନ ପରିବାରଗୁଡ଼ିକ ବିଶୃଙ୍ଖଳିତ ହେବାରେ ଲାଗିଛି। ତେଣୁ ଘରୋଇ ହିଂସା ମଧ୍ୟ ବଢ଼ି ବଢ଼ି ଚାଲିଛି।

ଆଜିର ବସ୍ତୁବାଦୀ ସମାଜରେ ବୃଦ୍ଧାବସ୍ଥାରେ ସନ୍ତାନମାନେ ପିତାମାତାଙ୍କ ଦାୟିତ୍ୱ ନେବାକୁ କୁଣ୍ଠାବୋଧକରନ୍ତି। ଏକକ ପରିବାର ଜନ୍ମିତ ଯୁବକ ବା ଯୁବତୀ ବେକାରୀ, ଦରଦାମ ବୃଦ୍ଧି, ଅଶିକ୍ଷା, ସାମାଜିକ ଚାପ, ସମ୍ବେଦନଶୀଳତା ଅଭାବ, ଅତ୍ୟନ୍ତ ସ୍ୱାର୍ଥପରତା ଆଦିକଳୁଷିତ ପରମ୍ପରାରେ ଜନ୍ମିତ ସେମାନେ କେବଳ ନିଜର ସ୍ୱାର୍ଥ ବ୍ୟତୀତ ଅନ୍ୟ କୌଣସି କ୍ଷେତ୍ରରେ ମନ ଦେଇନଥାନ୍ତି। ପ୍ରାପ୍ତବୟସ୍କରେ ସେମାନେ ନିଜର ଭବିଷ୍ୟତକୁ ସୁରକ୍ଷିତ ରଖିବା ପାଇଁ ପୈତୃକ ସମ୍ପତ୍ତିକୁ ସେମାନଙ୍କ ନାମରେ ଲେଖିଦେବାକୁ କହିଥାଆନ୍ତି, ସେଥିପାଇଁ ବିଭିନ୍ନ ଉପାୟରେ ଚାପ ପକାନ୍ତି, ଯଦି ପିତାମାତା ସେଥିରେ ରାଜି ନହୁଅନ୍ତି, ତେବେ ସେମାନେ ଅବହେଳାକରିବା ଆରମ୍ଭ କରିନ୍ତି। ପିତାମାତା ଏବଂ ବରିଷ୍ଠ ନାଗରିକଙ୍କ ରକ୍ଷଣାବେକ୍ଷଣ ଏବଂ କଲ୍ୟାଣ ଆଇନ ୨୦୦୭ ଅନୁସାରେ ପିତାମାତାଙ୍କ ପାଇଁ ପିଲାମାନଙ୍କ ଠାରୁ ଭରଣାପୋଷଣ ଦାବୀ କରିବାର ଆଇନଗତ ଅଧିକାର। ଭାରତୀୟ ପରିବାରରେ ଦ୍ୱନ୍ଦ୍ୱର ସାଧାରଣ ଉତ୍ସ ସମ୍ପତ୍ତି କିମ୍ବା ଆର୍ଥିକ ବିବାଦ, ଜୀବନଶୈଳୀ ଏବଂ ବ୍ୟକ୍ତିଗତ ପସନ୍ଦ, ଯୌଥ ପରିବାରରୁ ହସ୍ତକ୍ଷେପ, ସ୍ୱାସ୍ଥ୍ୟ ଏବଂ ଯତ୍ନ ନେବା ଚାପ ସାଂସ୍କୃତିକ କିମ୍ବା ପିଢ଼ିଗତ ପାର୍ଥକ୍ୟ ଆଦି ଭିନ୍ନ ଭିନ୍ନ କାରଣ। ପ୍ରକୃତ କାରଣକୁ ବୁଝିବା ଏବଂ ଛୋଟ ଛୋଟ ସମସ୍ୟା ଉପରେ ଯୁକ୍ତିକୁ ଏଡ଼ାଇବା ସହିତ ସମାଧାନ ଉପରେ ଧ୍ୟାନ ଦେବା ଜରୁରୀ। ସହାନୁଭୂତି ଏବଂ ବୁଝାମଣା ସହିତ କ୍ରୋଧପୂର୍ଣ୍ଣ ଯୁକ୍ତିତର୍କ ସମୟରେ ନିଜକୁ ଦୂରେଇ ରଖନ୍ତୁ ଓ ପିତାମାତା ସ୍ୱାମୀ, ସ୍ତ୍ରୀ, ଭାଇ ଭଉଣୀ, ଭାଇ ଭାଇଙ୍କ ସହିତ ସୁସମ୍ପର୍କ ରଖି ଖୁସିରେ ରହିବାର କଳାକୁ ଅକ୍ତିଆର କଲେଏକ ସୁସ୍ଥ ସମାଜର ସ୍ୱପ୍ନ ଦେଖିପାରିବା।

ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, ଚହଟା ନଗର, ଲେନ୍-୬, କଟକ-୧୪, ଦୂରଭାଷ : ୭୦୦୮୪୭୮୯୮୬
E-mail : nibeditabehera08021985@gmail.com

# ଯାନ୍ତ୍ରିକ ଅନୁବାଦ ଠିକ୍ ହେଉନାହିଁ

## ନିବେଦିତା ପ୍ରିୟଦର୍ଶିନୀ ଶୁକ୍ଳା

ଯନ୍ତ୍ର ବା ମେସିନ ଦ୍ୱାରା ବିଭିନ୍ନ ଭାଷାକୁ ଅନୁବାଦର ପ୍ରଚଳନ ବଢୁଥିଲେ ମଧ୍ୟ ତାହା ଯେତିକି ସହଜ ବୋଲି ଅନୁମାନ କରାଯାଉଛି ପ୍ରକୃତରେ ତାହା ହୋଇପାରୁନାହିଁ। ଗୋଟିଏ ଭାଷାରେ ଯାହା କୁହାଯାଏ ବା ଲେଖାଯାଏ ତାହା ଅନ୍ୟ ଭାଷାକୁ ଅନୁଦିତ ହେଲାବେଳେ ତାର ମୂଳ ଅର୍ଥ ବୁଝିପଡ଼ିବା ଦରକାର। ଅନ୍ୟ ଅର୍ଥରେ କହିଲେ ଏ ଦୁନିଆରେ ହୃଦୟର ଭାଷା ଅନ୍ୟ ଜଣଙ୍କୁ ଜାଣିବା ଯେ ସହଜ ସାପେକ୍ଷ ଆଦୌ ନୁହଁ। କିନ୍ତୁ ଶିକ୍ଷାଗତ ହେଉ ବା ବୃତ୍ତିଗତ କ୍ଷେତ୍ର ଯାନ୍ତ୍ରିକ ଅନୁବାଦର ଗ୍ରହଣୀୟତା ଦିନକୁ ଦିନ ଅଧିକ ଭାବରେ ବଢୁଛି। ଏଣୁ ଅନେକ ସମୟରେ ଆକ୍ଷରିକ ଅନୁବାଦ ଅପେକ୍ଷା ପ୍ରକୃତ ଅର୍ଥର ପ୍ରତିଫଳନକୁ ବେଶୀ ଗୁରୁତ୍ୱ ଦିଆଯାଏ।
ମେସିନ ଅନୁବାଦରେ ସମସ୍ୟା ହେଉଛି ଯେ, ଅଧିକାଂଶ ସମୟରେ ମୂଳ ଅର୍ଥ ଏଥିରେ ପ୍ରକାଶ ପାଉନାହିଁ। ସମ୍ପ୍ରତି ଗୁଗୁଲ ଅନୁବାଦ ଭାବେ ଧରାଯାଉଛି। କିନ୍ତୁ ପ୍ରଥମେ ଏହା ୧୯୫୪ ମସିହାରେ ଆରମ୍ଭ ହୋଇଥିଲା। ସେତେବେଳେ ଆଇବିଏମ୍ ୬୦ଟି ରୁଷ ଭାଷାର ବାକ୍ୟକୁ ଇଂରାଜୀରେ ଅନୁବାଦ କରିଥିଲା। ଏବେ ମାଇକ୍ରୋସଫ୍ଟ ଚୀନ ଭାଷାରୁ ଇଂରାଜୀକୁ ଅନୁବାଦ ପଦ୍ଧତି ବାହାର କରିଛି। ଏହି ସଂସ୍ଥାର ମୁଖପାତ୍ର ତଥ୍ୟ ଅନୁଯାୟୀ, ୪ଟି ଭାରତୀୟ ଭାଷା ହିନ୍ଦୀ, ବଙ୍ଗଳା, ତାମିଲ ଓ ଉର୍ଦ୍ଦୁର ଯାନ୍ତ୍ରିକ ଅନୁବାଦ ପାଇଁ ଏକ ମଡ଼େଲ ବାହାର କରାଯାଇଛି ଓ ନିକଟରେ ତାହା ପୂର୍ବାପେକ୍ଷା ୨୦ ପ୍ରତିଶତ ଅଧିକ ଉନ୍ନତ ହୋଇଛି। ଯାନ୍ତ୍ରିକ ଅନୁବାଦକୁ ନେଇ ପ୍ରକାଶ ପାଉଥିବା ବିକୃତ ଅର୍ଥ ପରିହାସର ବିଷୟ ହେଲାଣି। ଆମେରିକାର ଏକ ଲୋକପ୍ରିୟ ଟିଭି ଶୋ'ରେ ଏବେ ଗୁଗଲ ଅନୁବାଦ ବୈଷୟିକ କୌଶଳକୁ ନେଇ ଏକ ଅଙ୍ଗାଳିକା କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।
ଯନ୍ତ୍ରଭିତ୍ତିକ ଅନୁବାଦ ବ୍ୟବସ୍ଥାର ତ୍ରୁଟିକୁ ଦୂର କରିବା ପାଇଁ ଗୁଗଲ, ମାଇକ୍ରୋସଫ୍ଟ, ଫେସବୁକ୍ ଆଦି ସଂସ୍ଥା ଉଦ୍ୟମ ଚଳାଇଛନ୍ତି। ଆଗରୁ ପରିସଂଖ୍ୟାନ ଯାନ୍ତ୍ରିକ ଅନୁବାଦ ପଦ୍ଧତିକୁ ବ୍ୟବହାର କରାଯାଉଥିବା ବେଳେ ଏବେ ସ୍ନାୟବିକ ଯାନ୍ତ୍ରିକ ଅନୁବାଦ ପଦ୍ଧତି ଉପରେ ଅଧିକ ନିର୍ଭର କରାଯାଉଛି। ସାଧାରଣ ଭାବେ ଯାନ୍ତ୍ରିକ ଅନୁବାଦରେ ଦେଖାଯାଉଛି ଯେ ସରଳ ବାକ୍ୟଗୁଡ଼ିକର ମେସିନ ଅନୁବାଦ ଠିକ୍ ହେଉଥିଲେ ହେଁ ରୁଢ଼ିପ୍ରୟୋଗ, ଥଟ୍ଟା ଆଦିର ଅନୁବାଦ ମାନବୀୟ ସ୍ପର୍ଶକୁ ହରାଇଛି। ବିଭିନ୍ନ ଭାଷାରେ ଯେଉଁସବୁ ବାକ୍ୟ କୁହାଯାଏ ବା ଲେଖାଯାଏ ଅନ୍ୟ ଭାଷାରେ ତାର ତୁଳନାତ୍ମକ ସାମଞ୍ଜସ୍ୟ ରହିବା ଦରକାର। ଏଥିପାଇଁ ଅନୁବାଦକାରୀ ମେସିନରେ ଯଥେଷ୍ଟ ବ୍ୟବସ୍ଥା ସଂଯୋଗ କରିବାକୁ ପଡ଼ିବ। ତାକୁ ଭାଷାଗତ ସମ୍ପଦ ବୋଲି ଧରାଯିବ। ଆଶା ଯାନ୍ତ୍ରିକ ଅନୁବାଦ ବ୍ୟବସ୍ଥାକୁ ଅଧିକ ଦକ୍ଷ କରିବା ପାଇଁ ଚାଲିଥିବା କସରତ ପର୍ଯ୍ୟାୟକ୍ରମେ ବେଶୀ ସଫଳ ହେବ। ତେବେ ଯାହାହେଉନା କାହିଁକି ଯନ୍ତ୍ରବତ୍ ଯୁଗରେ, ଯନ୍ତ୍ରବତ୍ ଜୀବନ, ଏ ସବୁ ଭିତରେ ଯାନ୍ତ୍ରିକ ଅନୁବାଦ କାହା ପାଇଁ କେମିତି, ସେ ମଧ୍ୟ ଆଜିର ସମୟ ପାଇଁ ସବୁଠାରୁ ବଡ଼ ଆହ୍ୱାନ।

ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, ଚହଟା ନଗର, ଲେନ୍-୬, କଟକ-୧୪, ଦୂରଭାଷ : ୭୦୦୮୪୭୮୯୮୬

# ବାଇଶି ପାହାଚରେ ଗଡ଼ଗଡ଼ଉ ଥା....

## ବିକ୍ରମ ମହାପାତ୍ର

ଆବହମାନ କାଳରୁ ଲୋକମୁଖରେ ପ୍ରଚଳିତ ଦୀପାବଳି ପର୍ବରେ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ଥିବା କଥାଟି ହେଲା - 'ବଡ଼ ବଡୁଆ ହୋ ସ୍ୱର୍ଗେ ଯା, ଅନ୍ଧାରେ ଆସି ଆଲୁଏ ଯା। ଗଙ୍ଗା ଯା, ଗୟା ଯା, ଶ୍ରୀ ପୁରୁଷୋତ୍ତମ ଯା, ବାଇଶି ପାହାଚରେ ଗଡ଼ଗଡ଼ଉ ଥା, ଦୁଧ ରଖି ସର ଖା, ଆମକୁ ଅମୃତ ଦୃଷ୍ଟିରେ ଚାହିଁଥା।' ଏ ସମ୍ପର୍କରେ ଆଉ ଏକ ପ୍ରାମାଣିକ ସିଦ୍ଧାନ୍ତ ହେଲା - 'ମୁକୁନ୍ଦ ମୁଖଚନ୍ଦ୍ରମା ସମବଲୋକନାୟାଗତାନ୍ ଜନାନ୍ ପ୍ରତି ବିରଜିତେଽଚ୍ୟୁତ ପୁରୀ ସୁନିଃଶ୍ରେଣୀବତ୍। ଯଦାୟ ଶ୍ରୁତି ମନ୍ଦିରରେ ଦ୍ୱେଽଧିକ ବିଂଶତିମାଧବଃ ସ ଏବ ପତିତପ୍ରଭୁର୍ହବ୍ୟତୁ ମା ସ୍ୱସୋପାନଭୁଃ।' - ଜଗନ୍ନାଥ ଶତକମ୍।

ଲୋକ ବିଶ୍ୱାସରେ ପ୍ରଚଳିତ - 'ଦାନଂ କର୍ମଂ ଚ ଶ୍ରାଦ୍ଧଂ ତ ପାବଚ୍ଛେ ବିଷ୍ଣୁଲୋକମବାପ୍ନୁ ଯାତ।' ବାଇଶି ପାହାଚରେ ଦାନକର୍ମ ପ୍ରାପ୍ତି ହୁଏ। ସାଂଖ୍ୟ ଦର୍ଶନର ସୃଷ୍ଟି ତତ୍ତ୍ୱ ହେଲା, ପଚିଶ ଅର୍ଥାତ ପଞ୍ଚବିଂଶ ତତ୍ତ୍ୱରୁ ହିଁ ସୃଷ୍ଟିର ଉତ୍ପତ୍ତି। ପାଞ୍ଚ କର୍ମେନ୍ଦ୍ରିୟ, ପାଞ୍ଚ ଜ୍ଞାନେନ୍ଦ୍ରିୟ, ପାଞ୍ଚ ମହାଭୂତ, ପାଞ୍ଚ ତନ୍ମାତ୍ର (ଶବ୍ଦ, ସ୍ପର୍ଶ, ରୂପ, ରସ, ଗନ୍ଧ) ମନ ଏବଂ ଅହଂକାର ସବୁ ମିଶି ବାଇଶି। ଚେଷ୍ଟା ବଳରେ ମଣିଷ କର୍ମେନ୍ଦ୍ରିୟ, ଜ୍ଞାନେନ୍ଦ୍ରିୟକୁ ଆୟତ୍ତ କରି ପଞ୍ଚମହାଭୂତ ଓ ତନ୍ମାତ୍ରକୁ ଜୟ କରିପାରେ, ଏପରିକି ମନକୁ ମଧ୍ୟ ସଂଯତ କରିପାରେ ମାତ୍ର ଅଂହକାର ବଡ଼ ଦୁର୍ଦ୍ଦାନ୍ତ ତାକୁ ଦମନ କରି ପାରିଲେ ପର ଆପଣାର ଭେଦ ରହେ ନାହିଁ। ଏହି ବାଇଶିଟି ପ୍ରକୃତି ହିଁ ବାଇଶି ପାହାଚ ଯାହାକୁ ଦମନ କରିପାରିଲେ ମୁକ୍ତି ନିଶ୍ଚିତ।

ସଂପ୍ରତି ପାହାଚ ଗୁଡ଼ିକ ସଂଖ୍ୟା ବାଇଶି ନ ହେଲେ ମଧ୍ୟ ଏଠାରେ ବାଇଶିଟି ପାହାଚ ଥିବା ବିଶ୍ୱାସ କରାଯାଏ। ପ୍ରଫେସର ଗୌରୀ କୁମାର ବ୍ରହ୍ମାଙ୍କ ପ୍ରଦତ୍ତ ତଥ୍ୟ ଅନୁଯାୟୀ ପୂର୍ବେ ବାଇଶି ପାହାଚ ପ୍ରକୃତରେ ଥିଲା।



କିନ୍ତୁ ମରାମତି ଓ ଅନ୍ୟାନ୍ୟ କାରଣ ଯୋଗୁଁ ସେହି ପାହାଚ ଗୁଡ଼ିକ ଆଉ ଦୃଶ୍ୟମାନ ହେଉନାହିଁ। ତେବେ ଆନନ୍ଦ ବଜାର ପ୍ରବେଶ ପଥରେ ଦୁଇଟି ପାହାଚକୁ ମିଶାଇ ସଂପ୍ରତି ଏହି ସଂଖ୍ୟା ୨୦ରେ ସୀମିତ ରହିଛି।

ଏହି ପାହାଚଟି ଆରମ୍ଭ ହୋଇଛି ଅଷ୍ଟାଦଶତମ ସୋପାନରୁ ଏବଂ ପ୍ରସରିଛି ଉତ୍ତରକୁ ଆନନ୍ଦ ବଜାର ପ୍ରବେଶ ମାର୍ଗର ଦ୍ୱାର ଯାଏଁ। ଏହି ଦ୍ୱାରର ଦୁଇ ପାର୍ଶ୍ୱରେ ଶୋଭା ପାଉଛି ଖୁବ ପ୍ରକାଣ୍ଡକାୟ ଦୁଇଟି ସିଂହ ମୂର୍ତ୍ତି। ମୂର୍ତ୍ତି ଦ୍ୱୟର ଉଚ୍ଚତା ପ୍ରାୟ ୭ ଫୁଟ ହେବ। ବାଇଶି ପାହାଚସ୍ଥିତ ସମସ୍ତ ପାବଚ୍ଛର ଆୟତନ ଏକା ପ୍ରକାରର ନୁହେଁ।

ଅଷ୍ଟାଦଶ ପାହାଚଟି ସବୁଠାରୁ ଓସାରିଆ ଯାହାର ପ୍ରସ୍ଥ ପ୍ରାୟ ୧୫ ଫୁଟ। ଆନନ୍ଦ ବଜାର ପ୍ରବେଶ ମାର୍ଗର ୧୯ତମ ଓ ବିଂଶ ତମ ପାବଚ୍ଛ ଦୁଇଟି ଅର୍ଦ୍ଧ ଗୋଲାକୃତିର। ପ୍ରସ୍ଥରେ ଏହି ପାହାଚ ଦ୍ୱୟ ପ୍ରାୟ ୬ ଫୁଟ। ବାଇଶି ପାହାଚ ଦେଇ ମନ୍ଦିରକୁ ପ୍ରବେଶ ମାର୍ଗର ତୃତୀୟ ପାବଚ୍ଛର ଦକ୍ଷିଣ ପାର୍ଶ୍ୱରେ କାଶୀ ବିଶ୍ୱନାଥ ମନ୍ଦିର ଅବସ୍ଥିତ। ବାଇଶି ପାବଚ୍ଛର ସମସ୍ତ ପାହାଚ ବଉଳମାଳା ବା ଶାଣ ପଥରରେ ନିର୍ମିତ ଏବଂ ପ୍ରାୟ ପନ୍ଦର ଗୋଟି ପାହାଚର ଲମ୍ବ, ପ୍ରସ୍ଥ ଓ ଉଚ୍ଚତା ସମାନ ଅଟେ।

ବାଇଶି ପାହାଚର ଦୁଇ ପଟରେ ଦକ୍ଷିଣ ଓ ଉତ୍ତରକୁ ଦୁଇଟି ପାଚେରୀ ଅଛି। ଏହି ଦୁଇ ପାର୍ଶ୍ୱରେ ପ୍ରାଚୀରର ଉପର ଅଂଶ ସମତଳ ରହିଛି। ଇତିହାସ ପ୍ରସିଦ୍ଧ ଶ୍ରୀମନ୍ଦିର ଓ ତାର ପରିସର ଅତ୍ୟନ୍ତ ପବିତ୍ର ବୋଲି ବିଭିନ୍ନ ପୁରାଣ ଓ ଶାସ୍ତ୍ରରେ ବର୍ଣ୍ଣିତ ହୋଇଥିବା ଜଣାଯାଏ। ରତ୍ନସିଂହାସନ, କଳ୍ପବଟ, ରୋହିଣୀ କୁଣ୍ଡ ଭଳି ବାଇଶି ପାହାଚର ମାହାତ୍ମ୍ୟ ଓ ପବିତ୍ରତାକୁ ମଧ୍ୟ ଅତି ଗୁରୁତ୍ୱପୂର୍ଣ୍ଣ ଭାବେ ବିବେଚନା କରାଯାଏ।

ଚଣ୍ଡୀମନ୍ଦିର ରାସ୍ତା, କଟକ-୧, ଦୂରଭାଷ :୯୪୩୭୦୨୧୬୧୫



## ରୁଷରୁ ତ୍ରେଲ କିଣିବା ପଡ଼ିବ ମହଙ୍ଗା !

# ଭାରତକୁ ଟାର୍ଗେଟ କରୁଛନ୍ତି ଟ୍ରମ୍ପ ପ୍ରଶାସନ

**ନୂଆଦିଲ୍ଲୀ,୧୨।୭(ଏଜେନ୍ସି):** ରୁଷରୁ ଅଶୋଧିତ ତୈଳ ଏବଂ ପ୍ରାକୃତିକ ଗ୍ୟାସ୍ କିଣୁଥିବା ଦେଶଗୁଡ଼ିକ ଉପରେ ଚାପ ବୃଦ୍ଧି କରିବା ପାଇଁ ଆମେରିକା ଏକ ବଡ଼ ପଦକ୍ଷେପ ନେଇଛି । ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପ୍ରଶାସନ ସହିତ ସହମତ ହୋଇ ଚାରି ଜଣ ପ୍ରଭାବଶାଳୀ ଆମେରିକୀୟ ସିନେଟ୍ ସଦସ୍ୟ ରୁଷ ବିରୋଧୀ କଟକଣା ନେଇ ଏକ ନୂତନ ବିଲ୍ ଆଗକୁ ବଢ଼ାଇବାକୁ ଘୋଷଣା କରିଛନ୍ତି । ଏହି ପ୍ରସ୍ତାବିତ ଆଇନ ଭାରତକୁ ମଧ୍ୟ ପ୍ରଭାବିତ କରିବ ବୋଲି କୁହାଯାଉଛି । କାରଣ ଭାରତ ମଧ୍ୟ ରୁଷରୁ ଶକ୍ତି ଆମଦାନି ଜାରି ରଖିଛି । ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଘନିଷ୍ଠ ସହଯୋଗୀ ରିପବ୍ଲିକାନ୍ ସେନେଟର ଲିଣ୍ଡସେ ଗ୍ରାହାମ୍, ରିପବ୍ଲିକାନ୍ ସେନେଟର ରୋଜର ୱିକର ଏବଂ ଡେମୋକ୍ରାଟିକ୍ ସେନେଟର ରିର୍ଚ୍ଚର୍ଡ ବ୍ଲୁମେନ୍ଥଲ୍ ଏବଂ ଜିନ୍ ଶାହିନ ଏକ ମିଳିତ ବିବୃତିରେ ଏହି ଘୋଷଣା କରିଛନ୍ତି । ସେମାନେ କହିଛନ୍ତି ଯେ, ୟୁକ୍ରେନରେ ସାଧାରଣ ନାଗରିକଙ୍କ ଉପରେ ରୁଷ ଆକ୍ରମଣ ଜାରି ରଖିଥିବାରୁ, ରୁଷୀୟ ତୈଳ ଏବଂ ଗ୍ୟାସ୍ କ୍ରୟ କରି ରୁଷର ଅର୍ଥନୀତିକୁ ସହାୟତା କରୁଥିବା ଦେଶଗୁଡ଼ିକ ଉପରେ ଆର୍ଥିକ ଚାପ ପ୍ରୟୋଗ କରିବା ଅତ୍ୟନ୍ତ ଜରୁରୀ।୨୦୨୫ ମସିହାର ରଷିଆ ପ୍ରତିବନ୍ଧକ ଆଇନ ଅନୁଯାୟୀ, ଯେଉଁ ଦେଶଗୁଡ଼ିକ ରୁଷରୁ ତେଲ, ପ୍ରାକୃତିକ ଗ୍ୟାସ୍, ୟୁରାନିୟମ କିମ୍ବା ଅନ୍ୟାନ୍ୟ ପେଟ୍ରୋଲିୟମ ଉତ୍ପାଦ କ୍ରୟ କରୁଛନ୍ତି ସେମାନଙ୍କ ସାମଗ୍ରୀ ଏବଂ ସେବା ଉପରେ ଆମେରିକା ଶୁଳ୍କ ଲଗାଇବାକୁ ପ୍ରସ୍ତାବ ଦିଆଯାଇଛି । ପ୍ରାରମ୍ଭିକ ଡ୍ରାଫ୍ଟରେ ଏହି ପ୍ରକାରର ଦେଶଗୁଡ଼ିକ ଉପରେ ୫୦୦ ପ୍ରତିଶତ ପର୍ଯ୍ୟନ୍ତ ଶୁଳ୍କ ଲଗାଇବାକୁ କୁହାଯାଇଥିଲା । ତେବେ ପରବର୍ତ୍ତୀ ସମୟରେ ଏହି ପ୍ରସ୍ତାବରେ କିଛି ପରିବର୍ତ୍ତନ କରାଯାଇଥିଲା ଏବଂ ଶୁଳ୍କ ବ୍ୟବସ୍ଥାକୁ କିଛିଟା କୋହଳ କରାଯାଇଛି । ଏହି ସଂଶୋଧିତ ବିଲର ଚୂଡ଼ାନ୍ତ ସଂସ୍କରଣ ଏପର୍ଯ୍ୟନ୍ତ ସାର୍ବଜନୀନ ହୋଇନାହିଁ । ତେବେ ଆମେରିକାର ଜାତୀୟ ସୁରକ୍ଷା ସ୍ୱାର୍ଥରେ ଥିବା କ୍ଷେତ୍ରରେ କୌଣସି ଦେଶକୁ ୧୮୦ ଦିନ ପର୍ଯ୍ୟନ୍ତ ପ୍ରତିବନ୍ଧକ ଛାଡ଼ ପ୍ରଦାନ କରିବାକୁ ଏହି ବିଲ୍ ଆମେରିକା ରାଷ୍ଟ୍ରପତିଙ୍କୁ କ୍ଷମତା ପ୍ରଦାନ କରିବ । ଏହି ବିଲ୍ ସମ୍ପର୍କରେ ପୂର୍ବରୁ ଭାରତର ନାମ ଖୋଲାଖୋଲି ଭାବରେ ଉଲ୍ଲେଖ କରାଯାଇଛି । ଜୁନ୍ ୨୦୨୫ରେ, ସେନେଟର ଲିଣ୍ଡସେ ଗ୍ରାହାମ, ସୋସିଆଲ ମିଡିଆରେ ଭାରତ ଏବଂ ଚୀନ୍ ବିଷୟରେ ଉଲ୍ଲେଖ କରି କହିଥିଲେ ଯେ, ଯଦି ଉଭୟ ଦେଶ ରୁଷର ତୈଳ ଏବଂ ଗ୍ୟାସ୍ କିଣି ରୁଷକୁ ସହାୟତା ଜାରି ରଖନ୍ତି, ତେବେ ସେମାନଙ୍କୁ ଏହାର ପରିଣାମ ଭୋଗିବାକୁ ପଡିବ । ୟୁକ୍ରେନ ଯୁଦ୍ଧ ପରେ ପାଶ୍ଚାତ୍ୟ ପ୍ରତିବନ୍ଧକ ଲାଗିବା ସତ୍ତ୍ୱେ ଭାରତ ରୁଷଠାରୁ ରିହାତି ଦରରେ ଯଥେଷ୍ଟ ପରିମାଣର ଅଶୋଧିତ ତୈଳ କ୍ରୟ କରିଆସୁଛି । ଇରାନ ବିବାଦ ପରେ ଯୁକ୍ତରାଷ୍ଟ୍ର ରୁଷଠାରୁ ଶକ୍ତି କ୍ରୟ ପାଇଁ ଏକ ସାଧାରଣ ଲାଇସେନ୍ସ ସଂକ୍ଷେପରେ ଜାରି କରିଥିଲା, ଏହାକୁ ପ୍ରତିବନ୍ଧକରୁ ମୁକ୍ତ କରିଥିଲା, କିନ୍ତୁ ଏହି ଛାଡ଼ ଜୁନ୍ ୧୭ ତାରିଖରେ ଶେଷ ହୋଇଥିଲା। ଏହି ବିଲ୍କୁ ଆମେରିକାର ସିନେଟରେ ୮୪ ଜଣ ସଦସ୍ୟଙ୍କର ସମର୍ଥନ ମିଳିଛି। ଟ୍ରମ୍ପ ମଧ୍ୟ ପୂର୍ବରୁ ସୂଚାଇ ଦେଇଛନ୍ତି ଯେ, ଏହି ଆଇନକୁ ରୁଷ ଉପରେ ଚାପ ବୃଦ୍ଧି କରିବା ପାଇଁ ବିଚାର କରାଯାଇପାରେ । ତେବେ ଗୋଟିଏ ବର୍ଷରୁ ଅଧିକ ସମୟ ବିତିଗଲା ପରେ ମଧ୍ୟ ଆଇନଟି ପାରିତ ହୋଇ ପାରିନାହିଁ।

# ମୁଁ ଗାନ୍ଧୀ କିମ୍ବା ହିରୋ ନୁହେଁ, କେବଳ ଜଣେ ସାଧାରଣ ନାଗରିକ: ସୋନମ ୱାଙ୍ଗଚୁକ୍

**ନୂଆଦିଲ୍ଲୀ,୧୨।୭(ଏଜେନ୍ସି):** ପରୀକ୍ଷାରେ ହେଉଥିବା ଅନିୟମିତତା ବିରୋଧରେ ଦିଲ୍ଲୀର ଯନ୍ତରମନ୍ତରଠାରେ ଚାଲିଥିବା ଆନ୍ଦୋଳନ ଆଜି ୨୨ ଦିନରେ ପହଞ୍ଚିଛି। ଏହି ଆନ୍ଦୋଳନରେ ସାମିଲ ହୋଇ ପ୍ରଖ୍ୟାତ ଶିକ୍ଷାବିତ୍ ତଥା ପରିବେଶ ପ୍ରେମୀ ସୋନମ ୱାଙ୍ଗଚୁକ୍ ତାଙ୍କର ଆମରଣ ଅନଶନର ୧୪ତମ ଦିନରେ ପ୍ରବେଶ କରିଛନ୍ତି । ଅନଶନ ଯୋଗୁଁ ତାଙ୍କ ଓଜନ ପ୍ରାୟ ୭.୫ କିଲୋଗ୍ରାମ ହ୍ରାସ ପାଇଛି। ଏହି ସମୟରେ ଏକ ଭିଡିଓ ବାର୍ତ୍ତା ଜାରି କରି ସେ କହିଛନ୍ତି, ମୁଁ କୌଣସି ୨୧ତମ ଶତାବ୍ଦୀର ଗାନ୍ଧୀ



ବା ହିରୋ ନୁହେଁ, ମୁଁ ଜଣେ ସାଧାରଣ ନାଗରିକ ଯିଏ ନିଜର ଦାୟିତ୍ୱ ତୁଲାଉଛି। ସେ ଲୋକମାନଙ୍କୁ ଅନ୍ୟ କାହା ମଧ୍ୟରେ ହିରୋ ନଖୋଜି ନିଜ ଜୀବନର ହିରୋ ନିଜେ ହେବାକୁ ଏବଂ ଜଣେ ସଚେତନ ନାଗରିକ ଭାବେ ଦାୟିତ୍ୱ ଗ୍ରହଣ କରିବାକୁ ଆହ୍ୱାନ ଦେଇଛନ୍ତି । ପରୀକ୍ଷା ଅନିୟମିତତା ଯୋଗୁଁ ଆତ୍ମହତ୍ୟା କରିଥିବା ଛାତ୍ରଛାତ୍ରୀଙ୍କ ପ୍ରସଙ୍ଗ ଉଠାଇ ୱାଙ୍ଗଚୁକ୍ ଲୋକଙ୍କୁ ନିଷ୍କ୍ରିୟ ନରହି ଆନ୍ଦୋଳନରେ ଯୋଗଦେବାକୁ ଅନୁରୋଧ କରିଛନ୍ତି । ସେ କହିଛନ୍ତି ଯେ ଯଦି ସେହି ପୀଡ଼ିତ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆପଣଙ୍କ ଭଉଣୀ ବା ଝିଅ ଥାଆନ୍ତେ, ତେବେ ଆପଣ ନିଶ୍ଚୟ ଆସିଥାନ୍ତେ, ତେଣୁ ସେଭଳି ସ୍ଥିତିକୁ ଅପେକ୍ଷା ନକରି ଅନ୍ତତଃ ପକ୍ଷେ ଗୋଟିଏ ଦିନ ପାଇଁ ଯନ୍ତରମନ୍ତର ଆସନ୍ତୁ କିମ୍ବା ନିଜ ନିଜ ସ୍ଥାନରେ ରହି ଉପବାସ ପାଳନ କରନ୍ତୁ ।ଏହି ସଂଗଠନ (ସିଜେପି) ପକ୍ଷରୁ ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଏବଂ ମୃତ ଛାତ୍ରଛାତ୍ରୀଙ୍କ ପରିବାରକୁ ୧ କୋଟି ଟଙ୍କାର କ୍ଷତିପୂରଣ ଦାବି କରାଯାଉଛି । ଏହା ସହ ଲାଦାଖର ସମସ୍ୟାଗୁଡ଼ିକର ଶୀଘ୍ର ସମାଧାନ ପାଇଁ ମଧ୍ୟ ୱାଙ୍ଗଚୁକ୍ ଦାବି କରିଛନ୍ତି । ସଂସଦର ମୌସୁମୀ ଅଧିବେଶନର ପ୍ରଥମ ଦିନ ଅର୍ଥାତ ଜୁଲାଇ ୨୦ ତାରିଖରେ ଏକ ଶାନ୍ତିପୂର୍ଣ୍ଣ ସଂସଦ ମାର୍ଚ୍ଚର ଆୟୋଜନ କରାଯାଇଛି, ଯେଉଁଥିରେ ସାଂସଦମାନଙ୍କୁ ଏହି ସମସ୍ୟା ଉପରେ ଦୃଷ୍ଟି ଆକର୍ଷଣ କରିବା ପାଇଁ ୱାଙ୍ଗଚୁକ୍ ସମସ୍ତ ଜନସାଧାରଣଙ୍କୁ ଖାଇପିଇ ସେହି ମାର୍ଚ୍ଚରେ ସାମିଲ ହେବାକୁ ନିବେଦନ କରିଛନ୍ତି । ପ୍ରଶାସନ ତାଙ୍କୁ ଧରପଗଡ଼ କଲେ ତାହା ଶାନ୍ତିପୂର୍ଣ୍ଣ ପ୍ରତିବାଦର ସାମ୍ବିଧାନିକ ଅଧିକାରର ଉଲ୍ଲଂଘନ ହେବ ବୋଲି ସେ ଚେତାବନୀ ଦେଇଛନ୍ତି ।

## ମିରଟ ରୋଡରେ ସ୍କୁଲ ବସ୍ ପୋଡ଼ି ପାଉଁଶ

**ନୂଆଦିଲ୍ଲୀ,୧୨।୭(ଏଜେନ୍ସି):** ଉତ୍ତରପ୍ରଦେଶର ଗାଜିଆବାଦର ନନ୍ଦଗ୍ରାମ ପୁଲିସ ଥାନା ଅଞ୍ଚଳର ମିରଟ ରୋଡରେ ଏକ ଡିପିଏସ ସ୍କୁଲ ବସରେ ଅଗ୍ନିକାଣ୍ଡ ଘଟିଛି । ଘଟଣା ସମୟରେ ବସରେ କୌଣସି ପିଲା ନଥିବାରୁ ଏକ ବଡ଼ ଦୁର୍ଘଟଣା ଟଳି ଯାଇଛି । ପ୍ରତ୍ୟକ୍ଷଦର୍ଶୀଙ୍କ ଅନୁଯାୟୀ, ହଠାତ ବସଟିରେ ନିଆଁ ଲାଗିଯାଇଥିଲା । ଘଟଣା ସମ୍ପର୍କରେ ସୂଚନା ପାଇବା ପରେ ଅଗ୍ନିଶମ ବାହିନୀର ଏକ ଦଳ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିବାକୁ ପ୍ରୟାସ ଆରମ୍ଭ କରିଥିଲେ। ପୂର୍ବାହ୍ନ ପ୍ରାୟ ୯:୨୬ ସମୟରେ, କୋତୱାଲି ପୁଲିସ ଷ୍ଟେସନ ଅଗ୍ନିକାଣ୍ଡ ସମ୍ପର୍କରେ ସୂଚନା ପାଇଥିଲେ । ସୂଚନା ପାଇ ଅଗ୍ନିଶମ କେନ୍ଦ୍ରର ୨ଟି ଦମକଳ ଗାଡ଼ି ଘଟଣାସ୍ଥଳରେ ପହଞ୍ଚିବା ପୂର୍ବରୁ ବସଟି ପୋଡ଼ି ପାଉଁଶ ହୋଇ ସାରିଥିଲା । ଅଗ୍ନିଶମ ବିଭାଗ ଅନୁଯାୟୀ, ବସରେ ସିଏନ୍‌ଜି କିଟ୍ ଲଗାଯାଇଥିଲା। ଅଗ୍ନିକାଣ୍ଡର କାରଣ ଏପର୍ଯ୍ୟନ୍ତ ଜଣାପଡ଼ି ନାହିଁ । ଏହାର ତଦନ୍ତ ଜାରି ରହିଛି ।

## ଏଆଇ ଦ୍ୱାରା ଯୁଦ୍ଧ ଲଢ଼ାଯାଇପାରେ, କିନ୍ତୁ ବିଜୟ ପାଇଁ ପାରମ୍ପରିକ ସେନା ହିଁ ଜରୁରୀ

**ନୂଆଦିଲ୍ଲୀ,୧୨।୭(ଏଜେନ୍ସି):** ଭବିଷ୍ୟତର ଯୁଦ୍ଧଗୁଡ଼ିକ କୃତ୍ରିମ ବୁଦ୍ଧିମତା (ଏଆଇ) ଦ୍ୱାରା ଲଢ଼ାଯାଇପାରେ, କିନ୍ତୁ ଶେଷରେ ବିଜୟ କେବଳ ଦୃଢ଼ ଜାତୀୟ ସଂକଳ୍ପ, ସୁଶିକ୍ଷିତ ସୈନିକ ଓ ଶକ୍ତିଶାଳୀ ପାରମ୍ପରିକ ସାମରିକ ସାମର୍ଥ୍ୟ ଦ୍ୱାରା ହିଁ ହାସଲ ହେବ ବୋଲି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ କହିଛନ୍ତି । ଶନିବାର ମାଜଗାଁଓ ଡକ୍ ସିପବିଲ୍ଡର୍ସ ଲିମିଟେଡ୍ (ଏମଡିଏଲ୍) ଦ୍ୱାରା ନିର୍ମିତ 'ପ୍ରୋଜେକ୍ଟ ୧୭ଏ' ସିରିଜର ଷଷ୍ଠ ତଥା ଶେଷ ଷ୍ଟେଲ୍ଥ ଫ୍ରିଗେଟ୍ 'ଆଇଏନଏସ୍ ମହେନ୍ଦ୍ରଗିରି'ର ସାମରିକ ଅନ୍ତର୍ଭୁକ୍ତିକରଣ ଉତ୍ସବରେ ସେ ଏହି ସୂଚନା ଦେଇଛନ୍ତି। ରାଜନାଥ ସିଂହ କହିଛନ୍ତି ଯେ, ଆଧୁନିକ ପ୍ରଯୁକ୍ତିବିଦ୍ୟା ପାରମ୍ପରିକ ଯୁଦ୍ଧ କୌଶଳର ବିକଳ୍ପ ନୁହେଁ, ବରଂ ଏହା ତାର ପରିପୂରକ । ଏହି ଅବସରରେ ସେ ଆନ୍ଧ୍ରପ୍ରଦେଶର ପ୍ରତିରକ୍ଷା ଓ ଏରୋସ୍ପେସ୍ ଉତ୍ପାଦନ କ୍ଷେତ୍ରରେ ବଢୁଥିବା ଅବଦାନକୁ ପ୍ରଶଂସା କରିଥିଲେ । ୬,୬୭୦ ଟନ୍ ଓଜନ ବିଶିଷ୍ଟ 'ଆଇଏନଏସ୍ ମହେନ୍ଦ୍ରଗିରି' ୨୮ ନଟ୍ ବେଗରେ ଗତି କରିବା ସହ ଆକାଶ, ଜଳପଥ ଓ ସମୁଦ୍ର ଗର୍ଭର ସମସ୍ତ ବିପଦକୁ ଏକ ସମୟରେ ମୁକାବିଲା କରିବାକୁ ସକ୍ଷମ, ଯାହା ନୌସେନାର ଶକ୍ତିକୁ ଦ୍ୱିଗୁଣିତ କରିବ ।

## ମଧ୍ୟପ୍ରଦେଶର ଦତିଆରେ ଭୟଙ୍କର ହିଂସା

**ନୂଆଦିଲ୍ଲୀ,୧୨।୭(ଏଜେନ୍ସି):** ମଧ୍ୟପ୍ରଦେଶର ଦତିଆରେ ଶୁକ୍ରବାର- ଶନିବାର ଦଳୀୟ ଟିକେଟ ବଣ୍ଟନକୁ ନେଇ ବିଜେପି କର୍ମୀ ଭୟଙ୍କର ହିଂସାକାଣ୍ଡ ଘଟାଇଥିବା ଦେଖିବାକୁ ମିଳିଛି। ଦତିଆରେ ହେବାକୁ ଥିବା ବିଧାନସଭା ଉପନିର୍ବାଚନ ପାଇଁ ଟିକେଟ ନ ମିଳିବାକୁ ନେଇ ବିଜେପି ନେତା ତଥା ରାଜ୍ୟର ପୂର୍ବତନ ଗୃହମନ୍ତ୍ରୀ ନରୋତ୍ତମ ମିଶ୍ରଙ୍କର ୩୦୦୦ରୁ ଅଧିକ ସମର୍ଥକମାନେ ଏନ୍‌ଏଚ୍-୪୪ରେ ବ୍ୟାପକ ଭଙ୍ଗାରୁଜା କରିଥିଲେ । ୧୨ ଘଣ୍ଟାରୁ ଅଧିକ ସମୟ ଧରି ସେମାନଙ୍କ ପ୍ରତିବାଦ ଚାଲିଥିବାରୁ ଜାତୀୟ ରାଜପଥରେ ଟ୍ରାଫିକ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା । ନରୋତ୍ତମ ମିଶ୍ରଙ୍କ ସମର୍ଥକମାନେ ପୁଲିସ ଉପରକୁ ପଥର ଫିଙ୍ଗିବା ସହିତ ଟ୍ରକ୍ ଭଙ୍ଗାରୁଜା କରିଥିଲେ।ଏହି ଘଟଣାରେ ଅନେକ ଲୋକ ଆହତ ହୋଇଥିଲେ ।ପୁଲିସ ଭିଡ଼କୁ ଘଉଡ଼ାଇବା ପାଇଁ ଲୁହବୁହା ଗ୍ୟାସ ପ୍ରୟୋଗ କରିଥିଲା ଓ ଜିଲ୍ଲା କାର୍ଯ୍ୟାଳୟରେ ବିଜେପି ନେତାମାନଙ୍କୁ ଗୃହବନ୍ଦୀ କରିଥିଲା । ଜିଲ୍ଲା ପ୍ରଶାସନ ଭାରତୀୟ ନାଗରିକ ସୁରକ୍ଷା ସଂହିତା (ବିଏନ୍‌ଏସ୍‌ଏସ୍)ର ଧାରା ୧୬୩ ମଧ୍ୟ ଲାଗୁ କରିଥିଲା । ସୂଚନାଯୋଗ୍ୟ, ଶୁକ୍ରବାର ସନ୍ଧ୍ୟାରେବିଜେପିଦତିଆ ଉପନିର୍ବାଚନ ପାଇଁ ଅଂଶୁତୋଷ ତିୱାରୀଙ୍କୁ ଦଳର ପ୍ରାର୍ଥୀ ଭାବରେ ଘୋଷଣା କରିବା ପରେ ଉତ୍ତେଜନା ସୃଷ୍ଟି ହୋଇଥିଲା। କଂଗ୍ରେସ ବିଧାୟକ ରାଜେନ୍ଦ୍ର ଭାରତୀଙ୍କୁ ବିଧାନସଭାରୁ ଅଯୋଗ୍ୟ ଘୋଷଣା କରାଯିବା ପରଠାରୁ ମିଶ୍ର ନିଜେ ଏଠାରୁ ଉପନିର୍ବାଚନ ଲଢ଼ିବାକୁ ପ୍ରସ୍ତୁତି ଆରମ୍ଭ କରିସାରିଥିଲେ। ସୂଚନାଯୋଗ୍ୟ, କଂଗ୍ରେସ ନେତା ରାଜେନ୍ଦ୍ର ଭାରତୀ ୨୦୨୩ ବିଧାନସଭା ନିର୍ବାଚନରେ ରାଜ୍ୟର ସେତେବେଳେ ଗୃହମନ୍ତ୍ରୀ ଥିବା ମିଶ୍ରଙ୍କୁ ୭,୫୦୦ ରୁ ଅଧିକ ଭୋଟରେ ପରାସ୍ତ କରିଥିଲେ। ମିଶ୍ରଙ୍କୁ ଟିକେଟ ନ ମିଳିବା ପ୍ରତିବାଦରେ ଜିଲ୍ଲାରୁ ପଞ୍ଚାୟତ ସ୍ତର ପର୍ଯ୍ୟନ୍ତ ପ୍ରାୟ ୩୦୦ ପଦାଧିକାରୀ ସେମାନଙ୍କ ପଦବିରୁ ଇସ୍ତଫା ଦେଇଥିଲେ । ଶୁକ୍ରବାର ସନ୍ଧ୍ୟାରୁ ରାସ୍ତା ଅବରୋଧ ଆରମ୍ଭ ହୋଇ ସକାଳ ୫ଟା ପର୍ଯ୍ୟନ୍ତ ଜାରି ରହିଥିଲା, ଯାହା ଫଳରେ ଝାନ୍ସି ଓ ଗ୍ୱାଲିୟର ରାସ୍ତାରେ୧୫-୨୦ କିଲୋମିଟର ପର୍ଯ୍ୟନ୍ତ ଟ୍ରାଫିକ ଜାମ୍ ହୋଇଥିଲା ଓ ଯାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହୋଇଥିଲେ । ଦତିଆ ଜିଲ୍ଲାପାଳ ସ୍ୱପ୍ନିଲ ୱାଙ୍ଖେଡେ କହିଛନ୍ତି, ବିକ୍ଷୋଭ ପ୍ରଦର୍ଶନ ଏନ୍‌ଏଚ୍-୪୪ ରେ ଭୋର ୪ଟା ୩୦ ସମୟରେ ହିଂସାତ୍ମକ ରୂପ ନେଇଥିଲା।

## ହାତୀ ଆକ୍ରମଣରେ ୨ ମୃତ

**ନୂଆଦିଲ୍ଲୀ,୧୨।୭(ଏଜେନ୍ସି):** ଛତିଶଗଡ଼ର ରାଇଗଡ଼ ଜିଲ୍ଲାରେ ଶନିବାର ଦୁଇଟି ପୃଥକ୍ ବଣୁଆ ହାତୀ ଆକ୍ରମଣ ଘଟଣାରେ ୨ ଜଣ ଲୋକଙ୍କ ମୃତ୍ୟୁ ହୋଇଛି । ଏହି ସଦ୍ୟ ଘଟଣା ପରେ ରାଜ୍ୟରେ ସପ୍ତାହକରେ ହାତୀ ଆକ୍ରମଣରେ ୩ ଜଣଙ୍କର ମୃତ୍ୟୁ ହୋଇଥିବା ବନ୍ୟ ଅଧିକାରୀ କହିଛନ୍ତି । ଧର୍ମଜୟଗଡ଼ ଡିଭିଜନର ଛାଲ ଓ କାପୁ ଜଙ୍ଗଲ ରେଞ୍ଜରେ ଆଜି ସକାଳେ ହାତୀ ଲୋକଙ୍କୁ ଆକ୍ରମଣ କରିଥିଲା । କାପୁ ଜଙ୍ଗଲରେଞ୍ଜର ତଳଗାଁରେ ଗାଁକୁ ଏକ ବଣୁଆ ହାତୀ ପଶି ଆସିବା ପରେ ଗାଁରେ ଆତଙ୍କ ଖେଳି ଯାଇଥିଲା। ହାତୀକୁ ଦେଖି ଶକୁନ୍ତଳା ବାଇ (୩୭) ତାଙ୍କ ଘରୁ ବାହାରକୁ ଦେଡ଼ି ପଳାଇବାକୁ ଚେଷ୍ଟା କରୁଥିବାବେଳେ ହାତୀ ତାଙ୍କୁ ଆକ୍ରମଣ କରି ମାରିଦେଇଥିଲା ବୋଲି ଧର୍ମଜୟଗଡ଼ ଡିଏଫ୍‌ଓ ଜିତେନ୍ଦ୍ର ଉପାଧ୍ୟାୟ କହିଛନ୍ତି।ତେବେ ମୃତକଙ୍କ ନାବାଳିକା ଝିଅ ଅଳ୍ପକେ ବର୍ତ୍ତି ଯାଇଥିଲା ଉପାଧ୍ୟାୟ କହିଛନ୍ତି ଯେ, ଛାଲ ବନାଞ୍ଚଳ ଅନ୍ତର୍ଗତ ଔରନାରା ଗାଁରେ ବନ୍ଧନ ସିଂହ ଅଗାରିଆ (୫୦) ନାମକ ଜଣେ ଶ୍ରମିକଙ୍କର ମଧ୍ୟ ଜଙ୍ଗଲୀ ହାତୀ ଆକ୍ରମଣରେ ମୃତ୍ୟୁ ହୋଇଛି। ଗ୍ରାମବାସୀଙ୍କ ସୂଚନା ପରେ ବନ ଓ ପୁଲିସ କର୍ମଚାରୀମାନେ ଉଭୟ ସ୍ଥାନରେ ପହଞ୍ଚି ମୃତଦେହଗୁଡ଼ିକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ରାଜ୍ୟ ସରକାରଙ୍କ ପକ୍ଷରୁ ମୃତକଙ୍କ ପରିବାକୁ ତୁରନ୍ତ ୨୫,୦୦୦ ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଇଛି ।

# ଏନସି ବିଧାୟକମାନଙ୍କୁ ଦଳ ବଦଳାଇବା ପାଇଁ ୨୦ରୁ ୩୦ କୋଟି ଟଙ୍କାର ଅଫର ଦିଆଯାଇଥିଲା

**ନୂଆଦିଲ୍ଲୀ,୧୨।୭(ଏଜେନ୍ସି):** ଜମ୍ମୁ ଏବଂ କାଶ୍ମୀର ମୁଖ୍ୟମନ୍ତ୍ରୀ ତଥା ନ୍ୟାସନାଲ କନଫରେନ୍ସ(ଏନସି)ର ଉପାଧ୍ୟକ୍ଷ ଓମାର ଅବଦୁଲ୍ଲା ଶନିବାର ଅଭିଯୋଗ କରିଛନ୍ତି ଯେ, ବିଜେପି ଏନସି ବିଧାୟକମାନଙ୍କୁ ଦଳ ବଦଳାଇବା ପାଇଁ ୨୦ରୁ ୩୦ କୋଟି ଟଙ୍କାର ଅଫର ଦେଇଥିଲା । ଏହା ସହିତ ମନ୍ତ୍ରୀପଦ ଏବଂ ରାଜ୍ୟ ପାହ୍ୟା ପ୍ରଦାନ କରିବାର ଲୋଭନୀୟ ପ୍ରସ୍ତାବ ପ୍ରଦାନ କରାଯାଇଥିଲା । କେନ୍ଦ୍ର ଏବଂ ବିଜେପି ଆମର ଧର୍ଯ୍ୟ ଏବଂ ଶାଳୀନତା ପରୀକ୍ଷା ନ କରନ୍ତୁ ବୋଲି ସେ ଚେତାବନୀ ଦେଇଛନ୍ତି । ଯେତେବେଳେ ଟଙ୍କା ଲୋଭ କାମ କରିନଥିଲା, ମନ୍ତ୍ରୀ ପଦ ଲୋଭ କାମ କରିନଥିଲା ସେତେବେଳେ ସେମାନେ ବନ୍ଦ କୋଠରୀରେ ଆମର ବିଧାୟକମାନଙ୍କୁ କହିଥିଲେ ତୁମେ ଆମ ପଟକୁ ଆସ । ଆମ ସହିତ ଯୋଗଦେଲେ ଆମେ ତୁମକୁ ରାଜ୍ୟ ମାନ୍ୟତା ଦେବୁ କହି ଲୋଭ ଦେଖାଇଥିଲେ । ମୋର ଜମ୍ମୁ ବିଧାୟକଙ୍କ ମଧ୍ୟରୁ ଜଣେ ମୋ କୋଠରୀକୁ ଆସି ଏ ବିଷୟରେ ମତେ ଜଣାଇଥିଲେ । ମୁଖ୍ୟମନ୍ତ୍ରୀ ଅଭିଯୋଗ କରିଛନ୍ତି ଯେ ଜଣେ ସୁପ୍ରିମକୋର୍ଟ ଆଇନଜୀବୀ ଯିଏକି ଜଣେ ବିଜେପି ପଦାଧିକାରୀ ଆମର ଜଣେ ଜାମ୍ମୁ ବିଧାୟକଙ୍କ ସହ ଯୋଗାଯୋଗ କରି କହିଥିଲେ, ଆପଣ ଆମ ସହିତ ଯୋଗଦେଲେ ଆମେ ୨୦-୩୦ କୋଟି ଟଙ୍କା, ମନ୍ତ୍ରୀ



ପଦ ଏବଂ ରାଜ୍ୟ ମାନ୍ୟତା ଦେବୁ । ସେମାନେ ଭାବୁଛନ୍ତି,ଆମ ଲୋକମାନଙ୍କର ବିଶ୍ୱାସ ବହୁ ଶସ୍ତା ବୋଲି ଓମାର କହିଛନ୍ତି। ବିଜେପିକୁ ଚେତାବନୀ ଦେଇ ଓମାର କହିଛନ୍ତି, ମସ୍ତକୁ ଦେଖ, ତୁମେ ଏପରି କାହାକୁ ଦେଖିବ ନାହିଁ ଯିଏ ୨୦ କୋଟି ଟଙ୍କାରେ କିମ୍ବା ୧୦୦ କୋଟି ଟଙ୍କାରେ ମଧ୍ୟ ନିଜର ବିଶ୍ୱାସକୁ ବିକ୍ରି କରିବାକୁ ପ୍ରସ୍ତୁତ । ବିଜେପି ଆମକୁ ଦୁର୍ବଳ ନଭାବୁ । ସେମାନେ ପଛ ଦ୍ୱାର ଦେଇ ପ୍ରବେଶ କରିପାରିବେ ନାହିଁ । ପଛ ଦ୍ୱାର ଦେଇ ଆଗ ସିଟକୁ ଆସିପାରିବେ ନାହିଁ। ବର୍ତ୍ତମାନ ପାଇଁ, ଲୋକମାନେ ସେମାନଙ୍କୁ ପଛରେ ରଖିଛନ୍ତି। ସେମାନେ ପଛରେ ରହିବେ । ଧାରା ୩୭୧ ଉପରେ କେନ୍ଦ୍ର ଏବଂ ଲଦାଖ ନେତାଙ୍କ ମଧ୍ୟରେ ହୋଇଥିବା ଆଲୋଚନାକୁ ଉଲ୍ଲେଖ କରି ଓମାର ପ୍ରଶ୍ନ କରିଛନ୍ତି ଯେ, ଜମ୍ମୁ-କାଶ୍ମୀର ସହିତ କାହିଁକି ସମାନ ଆଲୋଚନା କରାଯାଉ ନାହିଁ । ଆମକୁ କୁହାଯାଉଛି ଯେ ପ୍ରତିବାଦ ବିନା ଆମେ କିଛି ପାଇବୁ ନାହିଁ। ଆମେ ଜମ୍ମୁ-କାଶ୍ମୀର ଏବଂ ଲଦାଖର ଅବସ୍ଥା ଦେଖୁଛୁ। ଆମେ ଏହି ପ୍ରଶ୍ନ ଉଠାଇବାକୁ ବାଧ୍ୟ ହେଉଛୁ ଯେ ଯେତେବେଳେ ସରକାର ଲଦାଖ ସହିତ କଥାବାର୍ତ୍ତା କରିବାକୁ ପ୍ରସ୍ତୁତ, ତେବେ ଆମ ସହିତ କାହିଁକି କଥା ହେଉନାହାନ୍ତି। ଆମକୁ କୁହାଯାଉଛି ଯେ ଗୋଟିଏ ଦେଶରେ କେବଳ ଗୋଟିଏ ରାସ୍ତା ରହିବା ଉଚିତ ଏବଂ ସବୁକିଛି ସମାନ ହେବା ଉଚିତ । ସେଥିପାଇଁ ଆମେ ୩୭୦ ହଟାଇ ଦେଇଛୁ ।

## ଭିଏତନାମରେ ଭାରତୀୟ ପର୍ଯ୍ୟଟକ ଥିବା ସ୍ପିଡବୋଟ ବୁଡ଼ିଯିବାରୁ ୧୫ ମୃତ

**ନୂଆଦିଲ୍ଲୀ,୧୨।୭(ଏଜେନ୍ସି):** ଭିଏତନାମର ସର୍ବବୃହତ ଦ୍ୱୀପ ଫୁ କ୍ୱୋକରେ ଭାରତୀୟ ପର୍ଯ୍ୟଟକଙ୍କୁ ନେଇ ଯାଉଥିବା ସ୍ପିଡବୋଟ୍ ବୁଡ଼ିଯିବାରୁ ୧୫ ଜଣଙ୍କର ମୃତ୍ୟୁ ହୋଇଛି । ଭିଏତନାମର ସର୍ବବୃହତ ଦ୍ୱୀପ ଫୁ କ୍ୱୋକର ହୋନ୍ ମେ ରୁଟ୍ ଏନଗୋଆଇ ନିକଟରେ ୩୨ ଜଣ ଭାରତୀୟ ପର୍ଯ୍ୟଟକ ଓ ୪ ଜଣ କ୍ରୁ ସଦସ୍ୟଙ୍କୁ ନେଇ ଯାଉଥିବା ଏକ ସ୍ପିଡ୍ ବୋଟ୍ ଶନିବାର ବୁଡ଼ି ଯାଇଥିଲା । ଫୁ କ୍ୱୋକ୍ ସ୍ୱତନ୍ତ୍ର ଅର୍ଥନୈତିକ କ୍ଷେତ୍ରର କର୍ତ୍ତୃପକ୍ଷଙ୍କ ପ୍ରାରମ୍ଭିକ ସୂଚନା ଅନୁସାରେ, ଅପରାହ୍ନ ପ୍ରାୟ ୧ଟାରେ, ଓସେନ୍ ପିଅର୍ ଆଇଲ୍ୟାଣ୍ଡ କମ୍ପାନୀ ଦ୍ୱାରା ପରିଚାଳିତ ସ୍ପିଡ୍ବୋଟ୍ ପର୍ଯ୍ୟଟକମାନଙ୍କୁ ଫୁ କ୍ୱୋକ୍ ବିମାନବନ୍ଦରରୁ ପ୍ରାୟ ୨୫ କିଲୋମିଟର ଦୂରରେ ଥିବା ଆନ୍ ଥୋଇ ବନ୍ଦରକୁ ନେଇଯାଉଥିଲା,ଯେତେବେଳେ ଏହା ହନ୍ ମେ ରୁଟ୍ ଏନଙ୍ଗୋଆଇଠାରୁ ପ୍ରାୟ ୪୦୦ ମିଟର ଦୂରରେ ଓଲଟି ପଡ଼ିଥିଲା ଓ ଜାହାଜରେ ଥିବା ସମସ୍ତ ଯାତ୍ରୀ ସମୁଦ୍ରରେ ବୁଡ଼ି ଯାଇଥିଲେ । ସ୍ଥାନୀୟ ଲୋକମାନେ ଉଦ୍ଧାର କରିବାକୁ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଥିଲେ ମଧ୍ୟ ଡଙ୍ଗା ତଳେ ପର୍ଯ୍ୟଟକ ଚାପି ହୋଇ ରହିଥିବାରୁ ଉଦ୍ଧାର କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା । ଅଳ୍ପ କେତେକ ଲୋକଙ୍କୁ ସଚେତ ଅବସ୍ଥାରେ ଉଦ୍ଧାର କରାଯାଇଥିଲା ବୋଲି ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି।

## ଜମ୍ମୁ-କାଶ୍ମୀର ଭାରତର ଅବିଚ୍ଛେଦ୍ୟ ଅଙ୍ଗ

**ନୂଆଦିଲ୍ଲୀ,୧୨।୭(ଏଜେନ୍ସି):** ବାଂଲାଦେଶର ରାଜଧାନୀ ଢାକାଠାରେ ଆୟୋଜିତ ଏକ ଆନ୍ତର୍ଜାତୀୟ ସେମିନାରରେ ଭାରତର ଭୁଲ୍ ମାନଚିତ୍ର ପ୍ରଦର୍ଶନ କରାଯିବାକୁ ନେଇ ଭାରତ ପକ୍ଷରୁ କଡ଼ା ଆପତ୍ତି ପ୍ରକାଶ କରାଯାଇଛି। 'ବାଂଲାଦେଶ ଇନଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଟରନ୍ୟାସନାଲ ଆଣ୍ଡ ଷ୍ଟ୍ରାଟେଜିକ ଷ୍ଟଡିଜ୍'' (ବିଆଇଆଇଏସଏସ୍) ସଭାଗୃହରେ "ସାର୍କର ପୁନରୁଦ୍ଧାର'' ପ୍ରସଙ୍ଗରେ ଚାଲିଥିବା ଏକ ଆଲୋଚନାଚକ୍ରରେ ଏହି ଘଟଣା ଘଟିଛି । ଭାରତୀୟ



ହାଇକମିଶନର ଦ୍ୱିତୀୟ ସଚିବ ପୂଜା କୁମାରୀ ଝା ସେଠାରେ ଉପସ୍ଥିତ ରହି ତୁରନ୍ତ ଏହାକୁ ବିରୋଧ କରିବା ସହ ଜମ୍ମୁ-କାଶ୍ମୀର ଭାରତର ଏକ ଅଭିନ୍ନ ଓ ଅବିଚ୍ଛେଦ୍ୟ ଅଙ୍ଗ ବୋଲି ପୁନର୍ବାର ସ୍ପଷ୍ଟ କରିଛନ୍ତି । ସୂଚନା ଅନୁଯାୟୀ, ଭାରତରେ ଅବସ୍ଥାପିତ ପୂର୍ବତନ ବାଂଲାଦେଶୀ ହାଇକମିଶନର ଅହମ୍ମଦ ତାରିକ୍ କରିମ୍ ନିଜର ଉପସ୍ଥାପନା ଦେଉଥିବା ବେଳେ ସ୍କ୍ରିନରେ ଏକମାନଚିତ୍ର ଦେଖାଇଥିଲେ, ଯେଉଁଥିରେ ଜମ୍ମୁ-କାଶ୍ମୀରକୁ ପାକିସ୍ତାନର ଅଂଶ ଭାବେ ଚିତ୍ରିତ କରାଯାଇଥିଲା । ଏହା ଦେଖିବା ମାତ୍ରେ ପ୍ରତିବାଦ କରି ପୂଜା କୁମାରୀ ଝା କହିଥିଲେ, ସାର୍, ଏହା ଏକ ଭୁଲ୍ ମାନଚିତ୍ର । ଜମ୍ମୁ-କାଶ୍ମୀର ଭାରତର ଅଭିନ୍ନ ଅଙ୍ଗ । ଏହାର ଜବାବରେ କରିମ୍ କହିଥିଲେ ଯେ ଏହି ମାନଚିତ୍ରଟି କେବଳ ବୁଝାଇବା ଉଦ୍ଦେଶ୍ୟରେ ବ୍ୟବହାର କରାଯାଇଛି ଏବଂ ଏହା ପ୍ରକୃତ ସୀମାକୁ ଦର୍ଶାଉନାହିଁ । ତେବେ ଭାରତୀୟ ମାନଚିତ୍ରର ଭୁଲ୍ ଉପସ୍ଥାପନାକୁ ସହ୍ୟ କରାଯାଇପାରିବ ନାହିଁ ବୋଲି ଭାରତୀୟ କୂଟନୀତିଜ୍ଞ ଦୃଢ଼ତାର ସହ କହିଥିଲେ, ଯାହା ପରେ କରିମ୍ ନିଜର ଭୁଲ୍ ସ୍ୱୀକାର କରି 'ପଏଣ୍ଟ ନୋଟେଡ୍' ବୋଲି କହିଥିଲେ ।

# ପଶ୍ଚିମବଙ୍ଗ ୟୁସିସି ଡ୍ରାଫ୍ଟ ସମୀକ୍ଷା

**ନୂଆଦିଲ୍ଲୀ,୧୨।୭(ଏଜେନ୍ସି):** ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ପଶ୍ଚିମବଙ୍ଗ ସରକାର ୟୁନିଫର୍ମ ସିଭିଲ କୋଡ୍ (ୟୁସିସି) ବିଲ୍ ଡ୍ରାଫ୍ଟ ସମୀକ୍ଷା କରିବା ପାଇଁ ଅବସରପ୍ରାପ୍ତ ସୁପ୍ରିମକୋର୍ଟ ବିଚାରପତି ଜଷ୍ଟିସ୍ ରଞ୍ଜନା ପ୍ରକାଶ ଦେଶାଇଙ୍କ ଅଧ୍ୟକ୍ଷତାରେ ଏକ ନଅ ଜଣିଆ କମିଟି ଗଠନ କରିଛନ୍ତି। କମିଟିର ଅନ୍ୟ ୮ଜଣ ସଦସ୍ୟ ହେଉଛନ୍ତି ମେଘାଳୟର ପୂର୍ବତନ ରାଜ୍ୟପାଳ ତଥାଗତ ରୟ, ଆଇଏଏସ୍ ଏବଂ ରେସିଡେଣ୍ଟ୍ କମିସନର ଦୁଶ୍ୟନ୍ତ ନରିଆଲା, ଅବସରପ୍ରାପ୍ତ ଆଇଏଏସ୍ ଅଧିକାରୀ ଶତ୍ରୁଘ୍ନ ସିଂ,ଗୃହ ବିଭାଗର ମୁଖ୍ୟ ସଚିବ ସଙ୍ଘମିତ୍ରା ଘୋଷ, ବାଙ୍ଗାବାସି ମହାବିଦ୍ୟାଳୟର ଅବସରପ୍ରାପ୍ତ ଆସୋସିଏଟ୍ ପ୍ରଫେସର ରତ୍ନା ଭଟ୍ଟାଚାର୍ଯ୍ୟ,ଗୌର ବଙ୍ଗ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଗୋପାଳ ଚନ୍ଦ୍ର ମିଶ୍ର,କୋଲକାତା ହାଇକୋର୍ଟର ଆଇନଜୀବୀ ଓସମାନ ଗନି ମଲ୍ଲିକ ଏବଂ ସମ୍ବାଗର ପୂର୍ବତନ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ନିର୍ମଳା ଭଟ୍ଟାଚାର୍ଯ୍ୟ। ରାଜ୍ୟ ନ୍ୟାୟିକ ବିଭାଗ ଜୁଲାଇ ୧୦ ତାରିଖରେ ଏ ସମ୍ପର୍କରେ ଏକ ବିଜ୍ଞପ୍ତି ଜାରି କରିଥିଲା । ନ୍ୟାୟିକ ବିଭାଗ ଦ୍ୱାରା ବିଜ୍ଞପ୍ତି ଜାରି ହେବା ପୂର୍ବରୁ ରାଜ୍ୟ ମୁଖ୍ୟ ସଚିବ ମନୋଜ ଅଗ୍ରୱାଲ ଗୁରୁବାର ନୂଆଦିଲ୍ଲୀରେ ସମୀକ୍ଷା କରିବା ପାଇଁ ଜଷ୍ଟିସ୍ ଦେଶାଇଙ୍କ ନେତୃତ୍ୱରେ ଏକ କମିଟି ଗଠନକୁ ଅନୁମୋଦନ କରିଥିଲେ ।



କମିଟିର ଅଧ୍ୟକ୍ଷ ଜଷ୍ଟିସ୍ ଦେଶାଇଙ୍କ ସହ ଏକ ବୈଠକ କରିଥିଲେ । ରାଜ୍ୟ ସରକାର ପୂର୍ବରୁ ଏକ ଡ୍ରାଫ୍ଟ ବିଲ୍ ପ୍ରସ୍ତୁତ କରିସାରିଛନ୍ତି । ଏହା ରାଜ୍ୟର ସମସ୍ତ ନାଗରିକଙ୍କ ପାଇଁ ଏକ ବ୍ୟାପକ ଆଇନଗତ ଢାଞ୍ଚା ସ୍ଥାପନ କରିବା ଉଦ୍ଦେଶ୍ୟରେ କରାଯାଇଛି । ଜୁଲାଇ ୨ ତାରିଖରେ, ଶୁଭେନ୍ଦୁ ଅଧିକାରୀ କ୍ୟାବିନେଟ୍ ୟୁସିସି ବିଲ୍ ଡ୍ରାଫ୍ଟ ଜଷ୍ଟିସ୍ ଦେଶାଇ ବିଜେପି ଶାସିତ ଉତ୍ତରାଖଣ୍ଡ, ଗୁଜରାଟ ଏବଂ ଛତିଶଗଡ଼ରେ ସମାନ ୟୁସିସି ପ୍ୟାନେଲର ଅଧ୍ୟକ୍ଷତା କରିଛନ୍ତି । ପ୍ୟାନେଲକୁ ଡ୍ରାଫ୍ଟ ଆଇନର ଯାଞ୍ଚ କରିବା ଏବଂ ଏହାର ସୁପାରିଶ ଦାଖଲ କରିବା ପାଇଁ ଚାରି ସପ୍ତାହ ସମୟ ମିଳିବ । ପରେ ଏହାକୁ ବିଧାନସଭା ସମ୍ମୁଖରେ ରଖାଯିବ ।

## ଆଫଗାନ ମନ୍ତ୍ରୀଙ୍କ ଅଦ୍ଭୁତ ବୟାନ

# ଭାରତ ଓ ଆଫଗାନିସ୍ତାନ ଡିଏନ୍ଏ ଗୋଟିଏ

**ନୂଆଦିଲ୍ଲୀ,୧୨।୭(ଏଜେନ୍ସି):** ପାକିସ୍ତାନ ସହ ତୀବ୍ର ହେଉଥିବା ତିକ୍ତତା ମଧ୍ୟରେ ଭାରତ ସହ ନିଜ ସମ୍ପର୍କକୁ ଆହୁରି ମଜବୁତ କରିବାକୁ ସ୍ପଷ୍ଟ ସଙ୍କେତ ଦେଇଛି ଆଫଗାନିସ୍ତାନ। ଭାରତ ଗସ୍ତରେ ଆସିଥିବା ଆଫଗାନିସ୍ତାନର କୃଷି, ଜଳସେଚନ ଏବଂ ପଶୁପାଳନ ମନ୍ତ୍ରୀ ମୌଲବୀ ଅତାଉଲ୍ଲା ଓମାରୀ ଦୁଇ ଦେଶର ଐତିହାସିକ ଓ ସାଂସ୍କୃତିକ ସମ୍ପର୍କକୁ ପ୍ରଶଂସା କରିଛନ୍ତି । ସେ କହିଛନ୍ତି, ଭାରତ ଏବଂ ଆଫଗାନିସ୍ତାନର DNA ଏକ । ଭାରତ ଆସି ମତେ ଏମିତି ଲାଗିଲା ଯେମିତି ମୁଁ ମୋ ନିଜ ଦେଶ ଏବଂ ନିଜ ଲୋକଙ୍କ ଗହଣରେ ଅଛି । ନୂଆଦିଲ୍ଲୀଠାରେ ବୈଦେଶିକ ବ୍ୟାପାର ମନ୍ତ୍ରାଳୟ (MEA) ସହାୟତାରେ ଆୟୋଜିତ 'ଇଣ୍ଡିଆ-ଆଫଗାନିସ୍ତାନ ଟ୍ରେଡ୍ ଅପରଚ୍ୟୁନିଟିଜ୍ ଇଣ୍ଟରଆକ୍ଟିଭ୍ ସେସନ'କୁ ସମ୍ବୋଧିତ କରି ଓମାରୀ ଏହା କହିଛନ୍ତି । ଏହା ତାଙ୍କର ପ୍ରଥମ ଭାରତ ଗସ୍ତ ଏବଂ ଏଠାରେ ମିଳିଥିବା ସମ୍ମାନ ଓ ଆପଣାପଣ ତାଙ୍କ ହୃଦୟ ଜିତି ନେଇଛି ବୋଲି ସେ ପ୍ରକାଶ କରିଛନ୍ତି । ଓମାରୀ କହିଛନ୍ତି, ଭାରତରେ ପହଞ୍ଚିବା ଦିନଠାରୁ ଭାରତ ସରକାର, ବୈଦେଶିକ ମନ୍ତ୍ରାଳୟ ଏବଂ



ମୁଁ ଭେଟିଥିବା ପ୍ରତ୍ୟେକ ବ୍ୟକ୍ତି ମତେ ଖୁବ୍ ସ୍ନେହର ସହ ସ୍ୱାଗତ କରିଛନ୍ତି । ଆମ ଭିତରେ ଥିବା ସମ୍ପର୍କ କେବଳ କୂଟନୀତିର ନୁହେଁ, ବରଂ ଏହା ଇତିହାସ, ସଂସ୍କୃତି ଓ ସଭ୍ୟତାର ସମ୍ପର୍କ । ଭାରତରେ ମିଳିଥିବା ଏହି ସମ୍ମାନ ଆଫଗାନିସ୍ତାନବାସୀଙ୍କ ଉନ୍ନତ ଭବିଷ୍ୟତ ପାଇଁ ଏକ ନୂଆ ଆଶାର କିରଣ । ଆମ ଦେଶର ପ୍ରାୟ ୮୦ ପ୍ରତିଶତ ଲୋକ କୃଷି, ଜଳସେଚନ ଓ ପଶୁପାଳନ ଉପରେ ନିର୍ଭରଶୀଳ । ଏବେ ଏହି କ୍ଷେତ୍ରକୁ ଆଧୁନିକ ଜ୍ଞାନକୌଶଳ ସହ ଯୋଡ଼ିବାର ସମୟ ଆସିଛି ଏବଂ ଭାରତ ଏଥିରେ ଏକ ପ୍ରମୁଖ ସହଯୋଗୀ ସାଜିପାରିବ । ଓମାରୀ ଆଫଗାନିସ୍ତାନର ଆର୍ଥିକ ବିକାଶ ପାଇଁ ଭାରତୀୟ ଶିଳ୍ପ ଜଗତକୁ ନିବେଶ, କୃଷି ପ୍ରଯୁକ୍ତିବିଦ୍ୟା, ଖାଦ୍ୟ ପ୍ରକ୍ରିୟାକରଣ ଏବଂ ଜଳସେଚନ କ୍ଷେତ୍ରରେ ସହଯୋଗ କରିବାକୁ ନିବେଦନ କରିଛନ୍ତି । ଅନ୍ୟପଟେ ସୀମା ବିବାଦ, ସୁରକ୍ଷା ଏବଂ ରାଜନୈତିକ ମତଭେଦକୁ ନେଇ କାବୁଲ ଏବଂ ଇସଲାମାବାଦ ମଧ୍ୟରେ ତିକ୍ତତା ଚରମ ସୀମାରେ ପହଞ୍ଚିଛି । ଏଭଳି ପରିସ୍ଥିତିରେ ଭାରତ ଓ ଆଫଗାନିସ୍ତାନର ବଢୁଥିବା ନିକଟତରତା ଆଞ୍ଚଳିକ ରାଜନୀତି ଦୃଷ୍ଟିକୋଣରୁ ପାକିସ୍ତାନ ପାଇଁ ଏକ ବଡ଼ ଝଟକା ବୋଲି କୁହାଯାଉଛି । ଚଳିତ ସପ୍ତାହରେ ନୂଆଦିଲ୍ଲୀରେ ଭାରତ-ଆଫଗାନିସ୍ତାନ ଜଏଣ୍ଟ କମିଟିର ଚତୁର୍ଥ ବୈଠକ ଆୟୋଜିତ ହୋଇଯାଇଛି । ବୈଦେଶିକ ମନ୍ତ୍ରାଳୟର ସୂଚନା ଅନୁସାରେ, ଏହି ବୈଠକରେ ଦୁଇ ଦେଶ ମଧ୍ୟରେ ମାନବୀୟ ସହାୟତା ଓ ବିକାଶମୂଳକ ପ୍ରକଳ୍ପ, ଖାଦ୍ୟ ସୁରକ୍ଷା ଏବଂ ସ୍ୱାସ୍ଥ୍ୟ ସେବା, ଶିକ୍ଷା, କ୍ରୀଡ଼ା ଏବଂ ବାଣିଜ୍ୟ କ୍ଷମତା ନିର୍ମାଣ ଓ ଆର୍ଥିକ ସହଯୋଗକୁ ଆହୁରି ମଜବୁତ କରିବା ପାଇଁ ସହମତି ପ୍ରକାଶ ପାଇଛି ।



# ସୋନାଲିକା ଟ୍ରାକ୍ଟର୍ସ ପକ୍ଷରୁ ୨୦ ଲକ୍ଷ ଟ୍ରାକ୍ଟର ଉତ୍ପାଦନର ମାଇଲଖୁଂଟ ଅତିକ୍ରମ

ଭୁବନେଶ୍ୱର, ୧୨।୭ (ନି.ପ୍ର) : ଭାରତର ଅଗ୍ରଣୀ ଟ୍ରାକ୍ଟର ରପ୍ତାନୀକାରୀ ବ୍ରାଣ୍ଡ, ସୋନାଲିକା ଟ୍ରାକ୍ଟର୍ସ ନିକଟରେ ପାବର ହୋସିଆରପୁରସ୍ଥିତ ଏହାର ବିଶ୍ୱର ସର୍ବବୃହତ ଇଂଟିଗ୍ରେଟେଡ ଟ୍ରାକ୍ଟର ମାନୁଫ୍ୟାକ୍ଚରିଂ ପ୍ଲାଂଟରୁ ୨୦ ଲକ୍ଷ ଟ୍ରାକ୍ଟର ଉତ୍ପାଦନ କରିପାରିଛି। ଏହି ନୂତନ ସଫଳତା ବିଶ୍ୱସ୍ତରୀୟ ଉଦ୍ଭାବନ ଦ୍ୱାରା ପରିଚାଳିତ କୃଷି-କେନ୍ଦ୍ରିତ ସମାଧାନ ବିକଶିତ କରିବାର କମ୍ପାନୀର ୩୦ ବର୍ଷର ଗୌରବମୟ ବିରାସତରେ ଏକ ଶକ୍ତିଶାଳୀ ଅଧ୍ୟାୟର ଆରମ୍ଭ କରିଛି ଏବଂ ବିଶ୍ୱର ଅଗ୍ରଣୀ ଟ୍ରାକ୍ଟର ଉତ୍ପାଦନକାରୀଙ୍କ ମଧ୍ୟରେ କମ୍ପାନୀର ସ୍ଥିତିକୁ ମଜବୁତ କରୁଛି। ୩୦ ବର୍ଷ ପୂର୍ବେ ୧୯୯୬ରେ ଏହାର ପ୍ରଥମ ଟ୍ରାକ୍ଟର ଉତ୍ପାଦନ କରିବା ପରଠାରୁ ସୋନାଲିକା ଶିଳ୍ପ ମାନଦଣ୍ଡକୁ ଆହ୍ୱାନ କରିବା ଏବଂ ଏକ ଛୋଟ ଅଣ ଶିଳ୍ପ ସହର ହୋସିଆରପୁରକୁ ବିଶ୍ୱ ମାନଚିତ୍ରରେ ସ୍ଥାନିତ କରିବା ପାଇଁ ନିଜର କ୍ଷମତାକୁ ନିରନ୍ତର ଭାବେ ସୁଦୃଢ କରିଛି। ଏହି ଛୋଟ ସହର ଏବେ ସୋନାଲିକା ଟ୍ରାକ୍ଟର୍ସ ପାଇଁ ଏକ ଆନ୍ତର୍ଜାତୀୟ ଉତ୍ପାଦନ କେନ୍ଦ୍ରରେ ପରିଣତ ହୋଇଛି। ପ୍ରାରମ୍ଭିକ ଦିନରେ କେବଳ ଦୁଇଟି ଟ୍ରାକ୍ଟର ଉତ୍ପାଦନ କରିବାଠାରୁ ଆରମ୍ଭ କରି ଏବେ ପ୍ରତି ୨ ମିନିଟରେ ଏକ ନୂଆ ଟ୍ରାକ୍ଟର ଉତ୍ପାଦନ କରିବା ପର୍ଯ୍ୟନ୍ତ ଏହି ବ୍ରାଣ୍ଡ ଏକ ଦୀର୍ଘ ପଥ ଅତିକ୍ରମ କରିଛି ଯାହା ଭାରତୀୟ କୃଷକ, ବିଶ୍ୱର ସର୍ବବୃହତ ଟ୍ରାକ୍ଟର ମାର୍କେଟର ବର୍ଦ୍ଧିତ ଚାହିଦା ସହ ୧୫୦ରୁ ଅଧିକ ଦେଶରେ ରପ୍ତାନୀ ପ୍ରତିଶ୍ରୁତିକୁ ପୂରଣ କରୁଛି।



ଏହି ସଫଳତା ପାଇଁ ଆୟୋଜିତ ଉତ୍ସବ ସମାରୋହରେ ଇଂଟରନ୍ୟାଶନାଲ ଟ୍ରାକ୍ଟର୍ସ ଲିମିଟେଡର ଉପାଧ୍ୟକ୍ଷ ଡଃ ଅମ୍ରିତ ସାଗର ମିତଲ କହିଛନ୍ତି, 'ଏହା ଆମ ପାଇଁ ଏକ ଭାବନାତ୍ମକ ମୁହୂର୍ତ୍ତ କାରଣ ଆମେ ଆମର ହୋସିଆରପୁରସ୍ଥିତ ବିଶ୍ୱର ସର୍ବବୃହତ ଟ୍ରାକ୍ଟର ଉତ୍ପାଦନ କାରଖାନାରେ ୨୦ ଲକ୍ଷ ଟ୍ରାକ୍ଟର ଉତ୍ପାଦନ ସଫଳତାକୁ ପାଳନ କରୁଛୁ। ଏକ ନିର୍ଭୀକ ଦୃଷ୍ଟିକୋଣ ଆଜି ଭାରତର ନିର୍ମାଣ ଉତ୍କର୍ଷତାର ଏକ ପ୍ରତୀକ ଭାବେ ବିକଶିତ ହୋଇଛି। ଏହା ସେହି ବିଶ୍ୱାସର ଉତ୍ସବ ଯାହା ଆମକୁ ୩୦ ବର୍ଷ ହେବ ମାର୍ଗଦର୍ଶନ ଦେଇଆସୁଛି- ତାହା ହେଉଛି କୃଷକଙ୍କ ସମୃଦ୍ଧି ଏକ ମଜବୁତ ରାଷ୍ଟ୍ରର ମୂଳଦୁଆ ଅଟେ। ଏହି ସଫଳତା ଲକ୍ଷ ଲକ୍ଷ କୃଷକଙ୍କର ଯେଉଁମାନେ ଆମ ଉପରେ ବିଶ୍ୱାସ କରିଛନ୍ତି ଏବଂ ଆମକୁ କୃଷି ପାଇଁ ଏକ ଉଜ୍ଜ୍ୱଳ ଭବିଷ୍ୟତର ଗଠନ ଜାରି ରଖିବାକୁ ପ୍ରେରିତ କରିଆସୁଛନ୍ତି।' ସେହିପରି ଇଂଟରନ୍ୟାଶନାଲ ଟ୍ରାକ୍ଟର୍ସ ଲିମିଟେଡର ପରିଚାଳନା ନିର୍ଦ୍ଦେଶକ ଡଃ ଦୀପକ ମିତଲ କହିଛନ୍ତି, '୨୦ ଲକ୍ଷ ଟ୍ରାକ୍ଟର ଉତ୍ପାଦନ ଦୃଢ ଭାବେ ଭାରତୀୟ ନିର୍ମାଣ ବିଶେଷଜ୍ଞତାକୁ ମହତ୍ୱ ଦେଉଛି ଏବଂ ଦୃଷ୍ଟିକୋଣ, ଉଦ୍ଭାବନ ଓ କାର୍ଯ୍ୟକାରିତା ଉତ୍କର୍ଷତା ଦ୍ୱାରା ପରିଚାଳିତ ହେଲେ ତାହା ବିବିଧ ଭୌଗୋଳିକ ସ୍ଥାନ ଓ କୃଷି ପରିସ୍ଥିତିରେ କେତେ ଦୂର ଅତିକ୍ରମ କରିପାରିବ ତାହାକୁ ପ୍ରଦର୍ଶିତ କରିଛି। ଯାହା ହୋସିଆରପୁରରେ ୩ ଦଶନ୍ଧି ପୂର୍ବେ ଆରମ୍ଭ ହୋଇଥିଲା ତାହା ଆଜି ୧୫୦ରୁ ଅଧିକ ଦେଶରେ କୃଷକଙ୍କୁ ଶକ୍ତିଶାଳୀ କରୁଛି ଏବଂ ସୋନାଲିକାକୁ ବିଶ୍ୱର ଏକ ପ୍ରତିଷ୍ଠିତ ବ୍ରାଣ୍ଡ ଓ ଭାରତର ଏକ ନମ୍ବର ଟ୍ରାକ୍ଟର ରପ୍ତାନୀକାରୀ ବ୍ରାଣ୍ଡ ଭାବେ ସ୍ଥାପିତ କରିଛି।' କମ୍ପାନୀର ଯୁଗ୍ମ ପରିଚାଳନା ନିର୍ଦ୍ଦେଶକ ରମଣ ମିତଲ କହିଛନ୍ତି, 'ଆମ କାରଖାନାରେ ୧୦୦% ନିର୍ମାଣ ସହିତ ଉତ୍ପାଦିତ ହେଉଥିବା ପ୍ରତ୍ୟେକ ଟ୍ରାକ୍ଟର ଆମର ଇନ୍-ହାଉସ କ୍ଷମତାର ଶକ୍ତି ଏବଂ ବିଶ୍ୱସ୍ତରୀୟ ଟେକ୍ନୋଲୋଜିର ସଠିକତାକୁ ବହନ କରୁଛି ଯାହା ମିଳିତ ଭାବେ କୃଷକଙ୍କୁ ଜିତ୍‌ନେ କା ଦମ୍'ର ଉତ୍ସାହ ପ୍ରଦାନ କରୁଛି। ଆମେ ଏକ ଛୋଟ ସହର କ'ଣ ହାସଲ କରିପାରିବ ତାହାର ପ୍ରତିବନ୍ଧକକୁ ଭାଙ୍ଗିଛୁ ଏବଂ ଆମେ ପ୍ରତ୍ୟେକ କୃଷକଙ୍କୁ ଭାରତୀୟ ନିର୍ମାଣ ସର୍ବୋତମତା ସହ ସୁସଜ୍ଜିତ ନକରିବା ପର୍ଯ୍ୟନ୍ତ ଅଟକିବୁ ନାହିଁ। ଆମେ କୃଷକଙ୍କ ଅଭିବୃଦ୍ଧିର ପରବର୍ତୀ ଅଧ୍ୟାୟକୁ ଶକ୍ତି ପ୍ରଦାନ କରିବା ଏବଂ 'ପାୱାରିଂ ଡ୍ରିମ୍ସ: ଫ୍ରମ ହୋସିଆରପୁର ଟୁ ଦ ୱାର୍ଲ୍ଡ' ପାଇଁ ପ୍ରତିବଦ୍ଧ ରହିଛୁ।'

# ପ୍ରାଇମ୍ ଡେ'ର ୧୦ମ ସଂସ୍କରଣ ସବୁଠାରୁ ଦ୍ରୁତତମ ପ୍ରାଇମ୍ ଡେ

ଭୁବନେଶ୍ୱର, ୧୨।୭ (ନି.ପ୍ର) : ଆମାଜନ ଇଣ୍ଡିଆ ପ୍ରାଇମ୍ ଡେର ୧୦ମ ସଂସ୍କରଣ ଏହାର ସବୁଠାରୁ ଦ୍ରୁତତମ ପ୍ରାଇମ୍ ଡେ ପରିଣତ ହୋଇଛି । ଆମାଜନ ନାଓ ମାଧ୍ୟମରେ ସହରଗୁଡ଼ିକରେ ପ୍ରତି ଦୁଇଟି ଅନଲାଇନ ଖରିଦ ମଧ୍ୟରୁ ଗୋଟିଏ ମାତ୍ର ମିନିଟ୍ ମଧ୍ୟରେ ବିତରଣ କରାଯାଇଥିଲା। ପ୍ରିମିୟମ୍ ଇଲେକ୍ଟ୍ରୋନିକ୍ସ ଏବଂ ବ୍ୟୁଟି ଠାରୁ ଆରମ୍ଭ କରି ଦୈନନ୍ଦିନ ଆବଶ୍ୟକୀୟ ସାମଗ୍ରୀ ପର୍ଯ୍ୟନ୍ତ ବିଭିନ୍ନ ବର୍ଗରେ, ଗ୍ରାହକମାନେ ଅଲ୍ଟ୍ରାଫାଷ୍ଟ ଡେଲିଭରି ଉପଭୋଗ କରିଥିଲେ । ସମାନ ଦିନ ଡେଲିଭରି ୩ ଗୁଣରୁ ଅଧିକ ବୃଦ୍ଧି ପାଇଥିଲା । ଟିୟର ୨ ଏବଂ ୩ ସହରରୁ ୭୦% ରୁ ଅଧିକ ନୂତନ ପ୍ରାଇମ୍ ସାଇନ୍-ଅପ୍ ଆସିଛି। ଅକ୍ଷୟ ସାହି, ଭାଇସ ପ୍ରେସିଡେଣ୍ଟ - ପ୍ରାଇମ୍ ଏବଂ କଷ୍ଟମର ଫୁଲଫିଲମେଣ୍ଟ ଏକ୍ସପେରିଏନ୍ସ, ଇଣ୍ଡିଆ ଆଣ୍ଡ ଏମର୍ଜିଂ କର୍ଣ୍ଣିଜ୍, ଆମାଜନ, କହିଛନ୍ତି, 'ପ୍ରାଇମ୍ ଡେ ହେଉଛି ମୂଲ୍ୟ, ଦ୍ରୁତ ବିତରଣ, ବଡ ଅଫର, ନୂତନ ଶୁଭାରମ୍ଭ ଏବଂ ପ୍ରାଇମ୍ ସଦସ୍ୟତା ପ୍ରଦାନ କରୁଥିବା ବ୍ଲକବଷ୍ଟର ମନୋରଞ୍ଜନର ସର୍ବୋତ୍ତମ ଉତ୍ସବ। ଆମେ କ୍ଷୁଦ୍ର ଏବଂ ମଧ୍ୟମ ବ୍ୟବସାୟର ସର୍ବାଧିକ ଅଂଶଗ୍ରହଣ ମଧ୍ୟ ଦେଖିଲୁ, ଯାହା ଦର୍ଶାଉଛି ଯେ ପ୍ରାଇମ୍ ଡେ ଆମ ବିକ୍ରେତାମାନଙ୍କ ପାଇଁ ଯେପରି ଏକ ଉତ୍ସବ, ସେହିପରି ଆମର ଗ୍ରାହକମାନଙ୍କ ପାଇଁ ମଧ୍ୟ।'

ପ୍ରାଇମ୍ ଡେ ଅବସରରେ ଅନେକ ଆକର୍ଷଣୀୟ ଅଫର ମିଳୁଛି, ଆମାଜନ ନାଓରେ କିଣାକିଣି କରୁଥିବା ପ୍ରାଇମ୍ ସଦସ୍ୟମାନେ ୯୯ ଟଙ୍କାରୁ ଅଧିକ ଅର୍ଡରରେ ମାଗଣା ଡେଲିଭରି, ୧୪୯୯ ଟଙ୍କାରୁ ଅଧିକ ଅର୍ଡରରେ ୨୦୦ ଟଙ୍କାର କ୍ୟାସବ୍ୟାକ୍, ସମସ୍ତ ଅର୍ଡରରେ ଶୂନ୍ୟ ଶୁଳ୍କ ଏବଂ ପ୍ରତ୍ୟେକ କ୍ରୟରେ ନିଶ୍ଚିତ କ୍ୟାସବ୍ୟାକ୍ ଉପଭୋଗ କରିଥିଲେ । ଗତ ପ୍ରାଇମ ଡେ ତୁଳନାରେ ସମାନ ଦିନରେ ବିତରଣ ୩ ଗୁଣ ଅଧିକ ବୃଦ୍ଧି ପାଇଛି ।

ଗ୍ରାହକମାନେ ଏଆଇ-ଚାଳିତ ପ୍ରଯୁକ୍ତିବିଦ୍ୟା ଏବଂ ସ୍ମାର୍ଟ ଘରଗୁଡ଼ିକୁ ଅଧିକ ଗ୍ରହଣ କରିଛନ୍ତି । ପ୍ରାଇମ୍ ଡେ ସମୟରେ ବିକ୍ରି ହୋଇଥିବା ପାଞ୍ଚଟି ୱିଣ୍ଡୋଜ୍ ଲାପଟପ୍ ମଧ୍ୟରୁ ଗୋଟିଏ ପାଇଁ ଏଆଇ ପିସି ଥିଲା। ନୂତନ ଯୁଗର ରୋଷେଇ ଘର ଉତ୍ପାଦ - ରୋବୋଟିକ୍ ଭାକ୍ୟୁମ୍, କଫି ମେସିନ୍ ଏବଂ ଆଇସ୍ ମେକର ସମେତ - ପୂର୍ବ ବର୍ଷ ତୁଳନାରେ ୪.୩ ଗୁଣ ବୃଦ୍ଧି ପାଇଛି। ସ୍ମାର୍ଟ ୱାଟର ପ୍ୟୁରିଫାୟରଗୁଡ଼ିକ ୨ ଗୁଣ ଅଧିକ ଗ୍ରାହକଙ୍କୁ ଆକର୍ଷିତ କରିଛନ୍ତି, କାରଣ ପରିବାରଗୁଡ଼ିକ ସଂଯୁକ୍ତ ଘରୋଇ ସମାଧାନରେ ବର୍ଦ୍ଧିତ ଭାବରେ ବିନିଯୋଗ କରିଛନ୍ତି।

# କଗ୍ନିଜାଂଟ ର ଫ୍ରଂଟିଅର ସାର୍ଟିଫାଇଡ୍ ଇଜିନିୟର୍ସ' ଏବଂ ଫ୍ରଂଟିଅର ବିଜିନେସ୍ ଅପରେଟର୍ସ' ସଂଖ୍ୟା ବୃଦ୍ଧି

ଭୁବନେଶ୍ୱର, ୧୨।୭ (ନି.ପ୍ର) : ଏକ ଅଗ୍ରଣୀ ଏଆଇ ବିଲ୍ଡର ଏବଂ ଟେକ୍ନୋଲୋଜି ସେବା ପ୍ରଦାନକାରୀ ସଂସ୍ଥା କଗ୍ନିଜାଂଟ ପକ୍ଷରୁ ଘୋଷଣା କରିଛିଯେ, କମ୍ପାନୀ ନିଜର ଫ୍ରଂଟିଅର ସାର୍ଟିଫାଏଡ଼ କର୍ମଚାରୀଙ୍କ ସଂଖ୍ୟାକୁ ବୃଦ୍ଧି କରିବା ପାଇଁ ପ୍ରତିଶ୍ରୁତିବଦ୍ଧ। ଏହି କର୍ମଚାରୀମାନେ ବ୍ୟବସାୟଗୁଡ଼ିକୁ ଏଆଇ କ୍ଷମତାକୁ ପ୍ରକୃତ ବ୍ୟବସାୟିକ ଫଳାଫଳରେ ବଦଳାଇବାରେ ସାହାଯ୍ୟ କରିବ। କମ୍ପାନୀ ଏହି ସଂଖ୍ୟାକୁ ୫,୦୦୦ ଫ୍ରଂଟିଅର ସାର୍ଟିଫାଇଡ୍ ଇନିୟର୍ସ ଏବଂ ୧୦,୦୦୦ ଫ୍ରଂଟିଅର ବିଜିନେସ୍ ଅପରେଟର୍ସକୁ ବୃଦ୍ଧି କରିବ।

ମାନବ ସମ୍ବଳ କ୍ଷେତ୍ରରେ କଗ୍ନିଜାଂଟର ଏହି ନିବେଶ ୨୦୨୬ର ଚତୁର୍ଥ ତ୍ରୈମାସିକ ସୁଦ୍ଧା ଏହାର ପ୍ରଥମ ବ୍ୟାଚ୍ ପ୍ରସ୍ତୁତ କରିବ, ଯେଉଁମାନେ ଫ୍ରଂଟିଅରସ ମୂଲ୍ୟାଙ୍କନ ପ୍ରାପ୍ତ ଏବଂ କାର୍ଯ୍ୟରେ ନିୟୋଜିତ ହେବା ପାଇଁ ପ୍ରସ୍ତୁତ ଥିବେ। ଏହାସହିତ କଗ୍ନିଜାଂଟର ଆମେରିକା ଏବଂ ବିଶ୍ୱର ବିଭିନ୍ନ ବିଶ୍ୱବିଦ୍ୟାଳୟଗୁଡ଼ିକରୁ ସିଧାସଳଖ ନିଯୁକ୍ତି ମାଧ୍ୟମରେ ନିଜର ଫ୍ରଂଟିଅର୍ ପ୍ରତିଭା ପାଇପଲାଇନକୁ ଆହୁରି ମଜବୁତ କରିବାକୁ ଯୋଜନା କରୁଛି। କଗ୍ନିଜାଂଟର ଆକଳନ ଅନୁଯାୟୀ, ଏଆଇ ଯାହା ପ୍ରଦାନ କରିପାରିବ ଏବଂ ବ୍ୟବସାୟଗୁଡ଼ିକ ପ୍ରକୃତରେ ଯାହା ହାସଲ କରୁଛନ୍ତି, ତାହା ମଧ୍ୟରେ ୪.୫ ଟ୍ରିଲିୟନ ଡଲାରର ବ୍ୟବଧାନ ରହିଛି। ଏହି ବ୍ୟବଧାନ କମ୍ପ୍ୟୁଟିଂ ସମସ୍ୟା ନୁହେଁ। ଏହା ଏକ ମାନବ ଏବଂ ପ୍ରକ୍ରିୟା ଜନିତ ସମସ୍ୟା ଏବଂ କେବଳ ଅଧିକ ଭିତିଭୂମି ଯୋଗାଇଦେବା ଦ୍ୱାରା ଏହା ସମାଧାନ ହେବନାହିଁ। ଏଥିପାଇଁ ଗ୍ରାହକ-କେନ୍ଦ୍ରିତ ସେବା ପ୍ରଦାନ କ୍ଷେତ୍ରରେ ଅଧିକ ଫ୍ରଂଟିଅର୍ସ ପ୍ରତିଭାଙ୍କୁ ଦକ୍ଷ କରିବା ଏବଂ ସେମାନଙ୍କୁ ନିୟୋଜିତ କରିବା ଆବଶ୍ୟକ, ଯାହାଫଳରେ ଗ୍ରାହକମାନେ ସେମାନଙ୍କର ଟେକ୍ନୋଲୋଜି ନିବେଶରୁ ଉପଯୁକ୍ତ ଲାଭ ପାଇପାରିବେ।

କଗ୍ନିଜାଂଟର ସିଇଓ, ରବି କୁମାର ଏସ. କହିଛନ୍ତି, 'କେବଳ ଟେକ୍ନୋଲୋଜି ସ୍ଥାପନ କରିବା ପରିବର୍ତେ ଫଳାଫଳର ଦାୟିତ୍ୱନେଇ, ଆମେ ଗ୍ରାହକମାନଙ୍କୁ ବିପଦ ପରିଚାଳନା କରିବା ସହିତ ଶୀଘ୍ର ମାପଯୋଗ୍ୟ ଫଳାଫଳ ହାସଲ କରିବାରେ ସାହାଯ୍ୟ କରିପାରିବା। କଗ୍ନିଜାଂଟର ଇଣ୍ଡଷ୍ଟ୍ରି ଅଭିଜ୍ଞତା ଆମକୁ ଏହି ପରିବର୍ତନ ସମୟରେ ଅତି ସ୍ୱତନ୍ତ୍ର ଭାବେ ଉପଯୁକ୍ତ ସ୍ଥାନରେ ରଖିଛି।' କଗ୍ନିଜାଂଟର ଚିଫ୍ ପିପୁଲ୍ ଅଫିସର୍, କ୍ୟାଥି ଡାଏଜ୍ କହିଛନ୍ତି, 'ଏଆଇ କାରଣରୁ ୯୩% ଚାକିରିରେ ପରିବର୍ତନ ଆସିଛି ଏବଂ ଏହା ସହିତ ଜଡ଼ିତ ଶ୍ରମର ମୂଲ୍ୟ ଏପର୍ଯ୍ୟନ୍ତ ବ୍ୟବହାର ହୋଇପାରିନାହିଁ କାରଣ ଏଆଇ-ପୂର୍ବ ଦୁନିଆ ପାଇଁ ତିଆରି ହୋଇଥିବା ୱର୍କଫୋର୍ସ ଆର୍କିଟେକ୍ଚର ଏହାକୁ ଗ୍ରହଣ କରିପାରିବ ନାହିଁ। ତେଣୁ ଆମେ ବର୍ତମାନର ଦୁନିଆ ପାଇଁ ଏହି ଆର୍କିଟେକ୍ଚରକୁ ପୁନର୍ବାର ପ୍ରସ୍ତୁତ କରିଛୁ। ଶିଳ୍ପ କ୍ଷେତ୍ରରେ ଗଭୀର ଜ୍ଞାନ କଗ୍ନିଜାଂଟର ଏକ ମୁଖ୍ୟ ଶକ୍ତି ଏବଂ ଆମେ ଟେକ୍ନୋଲୋଜି, ପ୍ରକ୍ରିୟା ଏବଂ ଅପରେସନ୍ସରେ ବୃହତ ସ୍ତରର ଅଭିଜ୍ଞତା ଆଣିଥାଉ। ଆମେ ଜାଣୁ କିପରି ଏହି ଶକ୍ତିଶାଳୀ ଫ୍ରଂଟିଅର ଟୁଲ୍ସଗୁଡ଼ିକୁ ପ୍ରକୃତ ବ୍ୟବସାୟିକ ମୂଲ୍ୟରେ ପରିଣତ କରାଯାଇପାରିବ ଏବଂ ଆମେ ଆମର କର୍ମଚାରୀମାନଙ୍କୁ ବଡ଼ ସ୍ତରରେ ଏହା କରିବା ପାଇଁ ପ୍ରଶିକ୍ଷଣ ଦେଉଛୁ।' କଗ୍ନିଜାଂଟର ଚିଫ୍ ଲର୍ଣ୍ଣିଂ ଅଫିସର୍, ଥିରୁ ଆରୋହି କହିଛନ୍ତି, 'ଆମେ ଏଆଇ ଯୁଗ ପାଇଁ ଏକ ନୂଆ ବ୍ୟାବସାୟିକ ପରିଚୟ ସୃଷ୍ଟି କରୁଛୁ। ଆମେ ଏହି ପରିଚୟ ପଛରେ ଥିବା ଭତିଭୂମି ଯେପରିକି ଏକାଡେମୀ, ମୂଲ୍ୟାଙ୍କନ ବ୍ୟବସ୍ଥା, ସାର୍ଟିଫିକେସନ୍ ମାର୍ଗ ଏବଂ କ୍ୟାମ୍ପସରୁ ନେଇ ସିନିୟର ପ୍ରଫେସନାଲ୍ସଙ୍କ ପର୍ଯ୍ୟନ୍ତ ପ୍ରତିଭା ପାଇପଲାଇନରେ ନିବେଶ କରୁଛୁ। ଆମେ ଯାହା ବୃଦ୍ଧି କରୁଛୁ ତାହା କେବଳ କର୍ମଚାରୀଙ୍କ ସଂଖ୍ୟା ନୁହେଁ, ବରଂ ଏକ ଦକ୍ଷ କର୍ମଚାରୀ ଦଳ ଯିଏ ସେହି ବ୍ୟବଧାନକୁ ଦୂର କରିପାରିବେ ଯାହା କୌଣସି ମଡେଲ୍ କିମ୍ବା ପ୍ଲାଟଫର୍ମ ଏକାକୀ କରିପାରିବ ନାହିଁ।'

# ସେନକୋ ଗୋଲ୍ଡ ଆଣ୍ଡ ଡାଇମଣ୍ଡସ ପକ୍ଷରୁ ଆକର୍ଷଣୀୟ ରଥଯାତ୍ରା ଅଫର

ଭୁବନେଶ୍ୱର, ୧୨।୭ (ନି.ପ୍ର) : ଅଗ୍ରଣୀ ଅଳଙ୍କାର ପ୍ରତିଷ୍ଠାନ, ସେନକୋ ଗୋଲ୍ଡ ଆଣ୍ଡ ଡାଇମଣ୍ଡସ, ପକ୍ଷରୁ ଏହାର ନୂତନ ରଥଯାତ୍ରା ଜୁଏଲାରୀ କଲେକ୍ସନ ଏବଂ ଅଫର ର ଶୁଭାରମ୍ଭ କରାଯାଇଛି। ରଥଯାତ୍ରାର ଆଧ୍ୟାତ୍ମିକ ଭାବନା ଏବଂ ଭବ୍ୟତାକୁ ସମ୍ମାନ ଜଣାଇ ସେନକୋ ଗୋଲ୍ଡ ଆଣ୍ଡ ଡାଇମଣ୍ଡସ ଏହି ପର୍ବର ସମୃଦ୍ଧ ପ୍ରତୀକ ଓ ସାଂସ୍କୃତିକ ଐତିହ୍ୟ ଦ୍ୱାରା ଅନୁପ୍ରାଣିତ ହୋଇ ଏକ ସ୍ୱତନ୍ତ୍ର ଅଳଙ୍କାର ସମ୍ଭାର ପ୍ରସ୍ତୁତ କରିଛି। ବ୍ରାଣ୍ଡର ଦକ୍ଷ କାରିଗରମାନଙ୍କ ଦ୍ୱାରା ନିଖୁଣ ଭାବେ ନିର୍ମିତ ଏହି କଲେକ୍ସନରେ ଦେବାଦେବୀ, ରଥ ଏବଂ ଏହି ପବିତ୍ର ପର୍ବ ସହ ଜଡ଼ିତ ଅନ୍ୟାନ୍ୟ ଶୁଭ ପ୍ରତୀକଗୁଡ଼ିକର ସୂକ୍ଷ୍ମ କାରୁକାର୍ଯ୍ୟ ଦେଖିବାକୁ ମିଳିବ। ରଥଯାତ୍ରା ଉତ୍ସବକୁ ଗ୍ରାହକଙ୍କ ପାଇଁ ଆହୁରି ଆନନ୍ଦଦାୟକ କରିବା ପାଇଁ ସେନକୋ ଗୋଲ୍ଡ ଆଣ୍ଡ ଡାଇମଣ୍ଡସ ଏହାର ସମସ୍ତ ଶୋ'ରୁମରେ ଅନେକ ଆକର୍ଷଣୀୟ ପାର୍ବଣ ଅଫର ପ୍ରଦାନ କରୁଛି। ଗ୍ରାହକମାନେ ସୁନା ଅଳଙ୍କାର କ୍ରୟ ଉପରେ ଗଢ଼ା ମଜୁରିରେ ୪୦% ପର୍ଯ୍ୟନ୍ତ ରିହାତି, ହୀରା ଅଳଙ୍କାର କ୍ରୟ ଉପରେ ଗଢ଼ା ମଜୁରିରେ ୧୦୦% ପର୍ଯ୍ୟନ୍ତ ରିହାତି ଏବଂ ହୀରା ମୂଲ୍ୟ ଉପରେ ୨୦% ପର୍ଯ୍ୟନ୍ତ ରିହାତି, ଏବଂ ରତ୍ନପଥର (ଜେମଷ୍ଟୋନ) କ୍ରୟ ଉପରେ ୧୦% ପର୍ଯ୍ୟନ୍ତ ରିହାତି ପାଇପାରିବେ। ଏହା ସହିତ ବ୍ରାଣ୍ଡ ପକ୍ଷରୁ ରୁପା ଅଳଙ୍କାରର ଗଢ଼ା ମଜୁରି ଉପରେ ୧୫% ପର୍ଯ୍ୟନ୍ତ ରିହାତି ଦିଆଯାଉଛି। ଏହା ବ୍ୟତୀତ, ଏଥର ସେନକୋ ଗୋଲ୍ଡ ଆଣ୍ଡ ଡାଇମଣ୍ଡସ ପୁରୁଣା ସୁନା ବଦଳ (ଏକ୍ସଚେ) ଉପରେ ୦% କଟାକଟି ଏବଂ ପ୍ରତି ଗ୍ରାମ ପିଛା ୬୫୦ ଟଙ୍କାର ଅତିରିକ୍ତ ରିହାତି ଅଫର ଉପରେ ବିଶେଷ ଧ୍ୟାନ ଆକର୍ଷଣ କରୁଛି।



ଏହି ଅବସରରେ ସେନକୋ ଗୋଲ୍ଡ ଆଣ୍ଡ ଡାଇମଣ୍ଡସର ଡିରେକ୍ଟର ଏବଂ ହେଡ୍ ଅଫ୍ ମାର୍କେଟିଂ ଆଣ୍ଡ ଡିଜାଇନ୍, ଶ୍ରୀମତୀ ଜୋଇତା ସେନ କହିଛନ୍ତି, ' ସେନକୋ ଗୋଲ୍ଡ ଆଣ୍ଡ ଡାଇମଣ୍ଡସରେ ଆମେ ଏହି ପବିତ୍ର ଅବସରର ଗୁରୁତ୍ୱକୁ ବୁଝୁ, ଯେତେବେଳେ ଅନେକ ଗ୍ରାହକ ଆଶୀର୍ବାଦ ଏବଂ ସମୃଦ୍ଧିର ପ୍ରତୀକ ଭାବେ ଅଳଙ୍କାର କ୍ରୟ କରିବାକୁ ପସନ୍ଦ କରନ୍ତି। ସୂକ୍ଷ୍ମ ଭାବେ ନିର୍ମିତ ସୁନା ଓ ହୀରାର ପେଣ୍ଡାଂଟ ଠାରୁ ଆରମ୍ଭ କରି ଆକର୍ଷଣୀୟ ମୀନାକାରୀ କାନଫୁଲ ପର୍ଯ୍ୟନ୍ତ, ଏହି କଲେକ୍ସନରେ ପ୍ରତ୍ୟେକଙ୍କ ପସନ୍ଦ ଏବଂ ରୁଚି ପାଇଁ କିଛି ନା କିଛି ସ୍ୱତନ୍ତ୍ର ରହିଛି, ଯାହା ରଥଯାତ୍ରାର ଆନନ୍ଦକୁ ଦ୍ୱିଗୁଣିତ କରିବାର ସବୁଠାରୁ ଉତ୍କୃଷ୍ଟ ମାଧ୍ୟମ ଅଟେ।' ସେନକୋ ଗୋଲ୍ଡ ଆଣ୍ଡ ଡାଇମଣ୍ଡସର ଏମ୍‌ଡି ଏବଂ ସିଇଓ, ଶ୍ରୀ ସୁଭଙ୍କର ସେନ କହିଛନ୍ତି, 'ପ୍ରତିବର୍ଷ ଆମେ ଏହି ପବିତ୍ର ସମୟର ସମ୍ମାନାର୍ଥେ ଉତ୍ସବ ପାଳନ କରିଆସୁଛୁ, ଯାହା ଗ୍ରାହକମାନଙ୍କୁ ଏହି ଶୁଭ ମୁହୂର୍ତରେ ଅଳଙ୍କାର କ୍ରୟ କରିବାର ଏକ ସୁଯୋଗ ପ୍ରଦାନ କରିଥାଏ।'

# ନେକ୍ସସ ଏସପ୍ଲାନେଡ଼ରେ ଖୁସିର ଆଠ ବର୍ଷ ପୂର୍ତ୍ତି ପାଳନ

ଭୁବନେଶ୍ୱର, ୧୨।୭ (ନି.ପ୍ର) : ନେକ୍ସସ ଏସପ୍ଲାନେଡ଼, ସହରର ସବୁଠାରୁ ପସନ୍ଦଯୋଗ୍ୟ ଲାଇଫଷ୍ଟାଇଲ ଗ'ବ୍ୟସ୍ଥଳ ଆସ'। ୧୨ ଜୁଲାଇରେ ନିଜର ୮ମ ବାର୍ଷିକୋତ୍ସବ ପାଳନ କରିବାକୁ ସମ୍ପୂର୍ଣ୍ଣ ପ୍ରସ୍ତୁତ। ଏହି ସଫଳତା ସହ ଗ୍ରାହକମାନଙ୍କ ପାଇଁ ବହୁ ପ୍ରତିକ୍ଷିତ ଫ୍ଲାଟ ୫୦% ରିହାତିର ଏକ ସ୍ୱତନ୍ତ୍ର ଅଫର ଅଣାଯାଇଛି, ଯାହା ଗ୍ରାହକମାନଙ୍କ ଉତ୍ସାହକୁ ଦ୍ୱିଗୁଣିତ କରିବ। ଏହି ବାର୍ଷିକୋତ୍ସବ ସପ୍ତାହାନ୍ତରେ ଗ୍ରାହକମାନେ ଆଇକନିକ୍, ଲାଇଫ ଷ୍ଟାଇଲ, ରେଗାଲ, ନାଏକା, ହେଲ୍‌ଥ ଆଣ୍ଡ ଗ୍ଲୋ, ଆଇଏନସି ୫, ପୁମା, ବିବା, ମାର୍କସ ଆଣ୍ଡ ସ୍ପେନ୍ସର, ହୋମ ସେ???ର, ଅରୁଲିଆ, ଆଲେନ ସୋଲି, ଡ୍ବ୍ଲୁ ଭଳି ଅନେକ ପ୍ରମୁଖ ବ୍ରାଣ୍ଡରୁ ଆକର୍ଷଣୀୟ ଅଫରର ଲାଭ ଉଠାଇ କେବଳ ସପିଙ୍ଗ ନୁହେଁ ବରଂ ଅନେକ କିଛି ସଞ୍ଚୟ ମଧ୍ୟ କରିପାରିବେ।

ଏହି ମାଇଲଖୁଣ୍ଟକୁ ସ୍ମରଣୀୟ କରିବା ପାଇଁ, ମଲ ପକ୍ଷରୁ ବିଭିନ୍ନ ଆନନ୍ଦଦାୟକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି, ଯେଉଁଥିରେ ଏକ ସ୍ୱତନ୍ତ୍ର ସେଲଫି ଜୋନ, ମନୋରମ ସାଂସ୍କୃତିକ ପ୍ରଦର୍ଶନ ଏବଂ ସବୁ ବୟସବର୍ଗର ଦର୍ଶକଙ୍କ ପାଇଁ ଆକର୍ଷଣୀୟ କାର୍ଯ୍ୟକ୍ରମ ସାମିଲ ରହିଛି। ବାର୍ଷିକୋତ୍ସବର ଏକ ସ୍ୱତନ୍ତ୍ର ଉପହାର ସ୍ୱରୂପ, ମଲକୁ ଆସୁଥିବା ପ୍ରଥମ ୮ଜଣ ଗ୍ରାହକଙ୍କୁ ମାଗଣା ପୁରସ୍କାର ପ୍ରଦାନ କରାଯିବ। ଏହା ସହିତ ନେକ୍ସ ୱାନ ଆପ ବ୍ୟବହାରକାରୀମାନେ ସେମାନଙ୍କ କ୍ରୟ ଉପରେ ଦୁଇଗୁଣା ଅଧିକ ରିୱାର୍ଡ଼ ପଏଣ୍ଟ ପାଇପାରିବେ, ଯାହା ଏହି ଉତ୍ସବକୁ ଆହୁରି ଅଧିକ ଆକର୍ଷଣୀୟ କରିବ।

ଏହି ବାର୍ଷିକୋତ୍ସବ କେବଳ ସପିଙ୍ଗ ନୁହେଁ, ବରଂ ଗ୍ରାହକମାନଙ୍କୁ ସ୍ମରଣୀୟ ଅନୁଭୂତି ପ୍ରଦାନ କରିବା ପାଇଁ ନେକ୍ସସ ଏସପ୍ଲାନେଡ଼ର ପ୍ରତିବଦ୍ଧତାକୁ ଦର୍ଶାଉଛି। ବିଗତ ଆଠବର୍ଷ ମଧ୍ୟରେ, ଏହି ମଲ ଏଭଳି ଏକ ପ୍ରିୟ ସ୍ଥାନରେ ପରିଣତ ହୋଇଛି ଯେଉଁଠାରେ ସହରବାସୀ ଏକାଠି ହୋଇ ସପିଙ୍ଗ, ଖାଦ୍ୟପେୟ ଏବଂ ଉତ୍ସବର ଆନନ୍ଦ ନେଇଥାନ୍ତି। ଆସନ୍ତା ୧୨ ଜୁଲାଇରେ ଆୟୋଜିତ ହେବାକୁ ଥିବା ଏହି ବାର୍ଷିକୋତ୍ସବରେ ସାମିଲ ହୋଇ ମନୋରନ, ପୁରସ୍କାର ଏବଂ ସ୍ମରଣୀୟ ମୁହୂର୍ତ ଗୁଡ଼ିକର ମଜା ନେବାକୁ ସମସ୍ତ ଗ୍ରାହକଙ୍କୁ ନିମନ୍ତ୍ରଣ କରାଯାଇଛି।

# ଜିନ୍ଦଲ ଷ୍ଟେନଲେସର ହିସାର ଏବଂ ଯାଜପୁର ୟୁନିଟକୁ ଏକାଧିକ ସିଆଇଆଇ ଜାତୀୟ ପୁରସ୍କାର

ଯାଜପୁର, ୧୨।୭ (ନି.ପ୍ର) : ସ୍ଥାୟୀ ଉତ୍ପାଦନଏବଂ କାର୍ଯ୍ୟକ୍ଷମ ଉତ୍କର୍ଷତା ପ୍ରତି ଏହାର ପ୍ରତିବଦ୍ଧତାକୁ ଦର୍ଶାଇ, ଭାରତର ଅଗ୍ରଣୀ ଷ୍ଟେନଲେସ୍ ଷ୍ଟିଲ୍ ଉତ୍ପାଦନକାରୀ କମ୍ପାନୀ ଜିନ୍ଦଲ ଷ୍ଟେନଲେସ୍ ଜୁଲାଇ ୨-୩ ରେ ନୂଆଦିଲ୍ଲୀର ଇଣ୍ଡିଆ ହାବିଟାଟ୍ ସେଣ୍ଟରରେ ଭାରତୀୟ ଶିଳ୍ପ ମହାସଂଘ (ସିଆଇଆଇ) ଦ୍ୱାରା ଆୟୋଜିତ ଦଶମ ସିଆଇଆଇ ଜାତୀୟ ଶକ୍ତି ଦକ୍ଷତା ସର୍କଲ ପ୍ରତିଯୋଗିତା ୨୦୨୬ରେ ଏକାଧିକ ସମ୍ମାନରେ ସମ୍ମାନିତ ହୋଇଛି । ଶକ୍ତି ସଂରକ୍ଷଣ, ଡିକାର୍ବୋନାଇଜେସନ୍ ଏବଂ ସର୍ବଶ୍ରେଷ୍ଠ ଶକ୍ତି ପରିଚାଳନା ଅଭ୍ୟାସର କାର୍ଯ୍ୟକାରିତା କ୍ଷେତ୍ରରେ ନିରନ୍ତର ଉଦ୍ୟମ ପାଇଁ ହରିୟାଣାର ହିସାର ଏବଂ ଓଡିଶାର ଯାଜପୁରରେ ୟୁନିଟକୁ ଚାରୋଟି ପୁରସ୍କାର ବର୍ଗରେ ସ୍ୱୀକୃତି ପ୍ରଦାନ କରାଯାଇଛି। ହିସାର ୟୁନିଟ୍ ସର୍ବୋତମ ଶକ୍ତି ଦକ୍ଷ କେସ୍ ଷ୍ଟଡି ପାଇଁ ଜାତୀୟ ପୁରସ୍କାର ଏବଂ ସ୍ୱଳ୍ପ ଅଙ୍ଗାରକାମ୍ଳ/ କାର୍ବନ ନିର୍ଗମନ ପଦକ୍ଷେପ ଉପରେ ଶ୍ରେଷ୍ଠ କେସ୍ ଷ୍ଟଡି ପାଇଁ ଜାତୀୟ ପୁରସ୍କାର ଗ୍ରହଣ କରିଛି । ପୁରସ୍କାର ପ୍ରାପ୍ତ ପଦକ୍ଷେପଗୁଡ଼ିକ ମଧ୍ୟରେ ବର୍ଜ୍ୟ ଉତାପ ପୁନରୁଦ୍ଧାର ପ୍ରଣାଳୀ, ହିଟର-ବିହୀନ ବାଷ୍ପୀକରଣର ଗ୍ରହଣୀୟତା, ଅକ୍ଷୟ ଶକ୍ତି ଏକୀକରଣ, ଶକ୍ତି-ସମର୍ଥ ଉପକରଣର ନବୀକରଣ ଏବଂ ସବୁଜ ହାଇଡ୍ରୋଜେନ ଗ୍ୟାସର ପ୍ରୟୋଗ ଉପରେ ଅନ୍ତର୍ଭୁକ୍ତ । ଗତ ଚାରି ବର୍ଷ ମଧ୍ୟରେ, ୟୁନିଟ୍ ସଫଳତାର ସହ ୧୧୨ଟି ଶକ୍ତି ଦକ୍ଷତା ପ୍ରକଳ୍ପ କାର୍ଯ୍ୟକାରୀ କରିଛି,ଯଦ୍ୱାରା ଅକ୍ଷୟ ଶକ୍ତି ଏବଂ ଶକ୍ତି ଦକ୍ଷତା ପଦକ୍ଷେପ ମାଧ୍ୟମରେ ୫,୮୪,୯୦୩ ଟନ୍କାର୍ବନ ଡାଇଅକ୍ସାଇଡ୍ ସମ ଗ୍ୟାସର ପୁନଃ ଗ୍ରୀନ୍ ହାଉସ୍ ଗ୍ୟାସ୍ ନିର୍ଗମନ ହ୍ରାସ ପାଇଛି । ଶକ୍ତି ଦକ୍ଷତା ବ୍ୟୁରୋ (ବିଇଇ) ପିଏଟି/ସିସିଟିଏସ୍ ଯୋଜନା ଏବଂ ଆଇଏସ୍‌ଓ ୫୦୦୦୧ ଶକ୍ତି ପରିଚାଳନା ପ୍ରଣାଳୀର ପ୍ରଭାବଶାଳୀ କାର୍ଯ୍ୟକାରିତା ପାଇଁ ଯାଜପୁର ୟୁନିଟ୍ ସ୍ୱୀକୃତି ପାଇଛି। ଏଥିରେ ଏକ ୱେଷ୍ଟ ହିଟ୍ ରିକଭରି ବଏଲର (ଡବ୍ଲ୍ୟୁଏଚ୍ ଆର୍ ବି) ସ୍ଥାପନା, ଇଲେକ୍ଟ୍ରିକ୍ ଆର୍କ ଫର୍ଣ୍ଣେସ୍ (ଇଏଏଫ୍) ରେ ମେଲ୍ଟ କଂଟ୍ରୋଲ୍ ସିଷ୍ଟମ୍ ଗ୍ରହଣ, ରିହିଟିଂ ଫର୍ଣ୍ଣେସ୍ (ଆରଏଚ୍ ଏଫ୍ )ର ଅପ୍ଟିମାଇଜେସନ୍ , କ୍ରୋମ୍ ପାଲେଟାଇଜେସନ୍ ପ୍ଲାଂଟର ଅପ୍ଟିମାଇଜେସନ୍ ଏବଂ ଅକ୍ଷୟ ଶକ୍ତିର ଏକୀକରଣ ଅନ୍ତର୍ଭୁକ୍ତ । ଗତ ଚାରି ବର୍ଷ ମଧ୍ୟରେ, ୟୁନିଟ୍ ୧୦୦ରୁ ଅଧିକ ଶକ୍ତି ସଂରକ୍ଷଣ ପ୍ରକଳ୍ପକୁ ସଫଳତାର ସହ କାର୍ଯ୍ୟକାରୀ କରିଛି, ଫଳସ୍ୱରୂପ ୪୭୧,୩୯୮ ଟନ୍ ରୁ ଅଧିକ ଅଙ୍ଗାରକାମ୍ଳ ନିର୍ଗମନ ହ୍ରାସ ପାଇଛି । ଏ ସମ୍ପର୍କରେ ଶ୍ରୀ ଅଭ୍ୟୁଦୟ ଜିନ୍ଦଲ, ପରିଚାଳନା ନିର୍ଦ୍ଦେଶକ, ଜିନ୍ଦଲ ଷ୍ଟେନଲେସ୍, କହିଛନ୍ତି, 'ଜିନ୍ଦଲ ଷ୍ଟେନଲେସରେ,ସ୍ଥାୟୀ ବିକାଶ ଆମର କାର୍ଯ୍ୟ ଏବଂ ଅଭିବୃଦ୍ଧି ପାଇଁ ଅବିଚ୍ଛେଦ୍ୟ ଅଙ୍ଗ ଅଟେ । ସିଆଇଆଇ ଦ୍ୱାରା ଏହି ସ୍ୱୀକୃତି ଉଭୟ କାର୍ଯ୍ୟକ୍ଷମ ଉତ୍କର୍ଷତା ଏବଂ ଅର୍ଥପୂର୍ଣ୍ଣ ପରିବେଶ ପ୍ରଭାବ ପ୍ରଦାନ କରୁଥିବା ନୂତନତ୍ୱକୁ ଚଳାଇବା ପାଇଁ ଆମର ପ୍ରତିବଦ୍ଧତାକୁ ପୁନଃ ପ୍ରମାଣିତ କରେ । ଯେହେତୁ ଆମେ ଆମର ଡିକାର୍ବୋନାଇଜେସନ ଯାତ୍ରାରେ ଆଗକୁ ବଢୁଛୁ, ଆମେ ଟେକ୍ନୋଲୋଜି ଏବଂ ଏହି ଅଭ୍ୟାସକୁ ଜାରି ରଖିବୁ । ଯାହା ଆମର ସମସ୍ତ ହିତାଧିକାରୀଙ୍କ ପାଇଁ ଦୀର୍ଘକାଳୀନ ମୂଲ୍ୟ ସୃଷ୍ଟି କରିବା ସହିତ ସ୍ୱଳ୍ପ ଅଙ୍ଗାରକାମ୍ଳ ଭବିଷ୍ୟତ ସହିତ ଭାରତର ପରିବର୍ତନକୁ ତ୍ୱରାନ୍ୱିତ କରିବ' । ଏ ସମ୍ପର୍କରେ ଶ୍ରୀ ବିଜୟ ବିନ୍ଧଲିସ, ୟୁନିଟ୍ ହେଡ୍, ଜିନ୍ଦଲ ଷ୍ଟେନଲେସ୍,ହିସାର କହିଛନ୍ତି, 'ଏହି ସ୍ୱୀକୃତି ସମଗ୍ର ହିସାର ପାଇଁ ଏକ ଗର୍ବର ମୁହୂର୍ତ। ଏକ ରଣନୈତିକ ପ୍ରାଥମିକତା ଭାବରେ ଡିକାର୍ବୋନାଇଜେସନ୍ ଏବଂ ଶକ୍ତି ଦକ୍ଷତା ଉପରେ ଥିବା ଆମର ନିରନ୍ତର ଧ୍ୟାନକୁ ଏହି ସ୍ୱୀକୃତି ପ୍ରତିଫଳିତ କରେ । ଆମେ ଆମର ସ୍ୱଳ୍ପ ଅଙ୍ଗାରକାମ୍ଳ ଏବଂ ନେଟ-ଜିରୋ ରୋଡମ୍ୟାପରେ ଅଗ୍ରଗତି କରୁଥିବାରୁ ନିରନ୍ତର ନବସୃଜନ ପାଇଁ ପ୍ରତିଶ୍ରୁତିବଦ୍ଧ' । ଏ ସମ୍ପର୍କରେ ଶ୍ରୀ ଦୀପକ ଅଗ୍ରୱାଲ, ୟୁନିଟ୍ ହେଡ୍, ଜିନ୍ଦଲ ଷ୍ଟେନଲେସ୍, ଯାଜପୁର, 'ଯାଜପୁର ୟୁନିଟରେ ଶକ୍ତି ଦକ୍ଷତା ଆମର ପରିଚାଳନା ଦର୍ଶନର ଏକ ଅଭିନ୍ନ ଅଙ୍ଗ ପାଲଟିଛି । ନିରନ୍ତର ପ୍ରକ୍ରିୟାର ଉନ୍ନତୀକରଣ, ଟେକ୍ନୋଲୋଜି ପ୍ରୟୋଗ ଏବଂ ଶୃଙ୍ଖଳିତ କାର୍ଯ୍ୟକାରିତା ମାଧ୍ୟମରେ, ଆମେ ଆମର ପରିବେଶ ପଦଚିହ୍ନକୁ ହ୍ରାସ କରିବା ସହିତ ଆମର ଶକ୍ତି କାର୍ଯ୍ୟଦକ୍ଷତାରେ କ୍ରମାଗତ ଭାବରେ ଉନ୍ନତି କରିଛୁ । ଏହି ସ୍ୱୀକୃତି ଆମକୁ ସ୍ଥାୟୀ ଉତ୍ପାଦନ ପାଇଁ ମାନଦଣ୍ଡ ବୃଦ୍ଧି ଜାରି ରଖିବାକୁ ଉତ୍ସାହିତ କରେ।



# ଇ-କମର୍ସରେ ମହିଳା ଉଦ୍ୟୋଗୀଙ୍କ ଅଗ୍ରଗତି ପାଇଁ ଫ୍ଲିକି ଫ୍ଲୋର ପ୍ରୟାସ

ଭୁବନେଶ୍ୱର, ୧୨।୭ (ନି.ପ୍ର) : ମହିଳା ଉଦ୍ୟୋଗୀ, ଏନଜିଓ ଏବଂ ମହିଳାମାନଙ୍କ ପାଇଁ କାମ କରୁଥିବା ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକୁ ଇ-କମର୍ସ ମାଧ୍ୟମରେ ସେମାନଙ୍କ ବ୍ୟବସାୟର ପ୍ରତିଷ୍ଠା ଓ ସମ୍ପ୍ରସାରଣରେ ସହାୟତା କରିବା ପାଇଁ ଫିକି ପକ୍ଷରୁ ପଦକ୍ଷେପ ନିଆଯାଇଛି । ଉକ୍ତ ସହଭାଗିତା ମାଧ୍ୟମରେ, ଫିକ୍କି ଫ୍ଲୋ ସହ ଜଡ଼ିତ ଯୋଗ୍ୟ ମହିଳା ପରିଚାଳିତ ବ୍ୟବସାୟଗୁଡ଼ିକ 'ଆମାଜନ ସହେଲୀ' କାର୍ଯ୍ୟକ୍ରମ ଜରିଆରେ ଆମାଜନ.ଇନ ରେ ସେମାନଙ୍କ ସାମଗ୍ରୀ ବିକ୍ରି କରିପାରିବେ, ଯାହା ସେମାନଙ୍କୁ ସାରା ଦେଶର ଗ୍ରାହକମାନଙ୍କ ପାଖରେ ପଂହଚିବାରେ ସାହାଯ୍ୟ କରିବ । ଏହି ସହଭାଗିତାର ଏକ ଅଂଶ ସ୍ୱରୂପ, ଆମାଜନ ଏବଂ ଫିକ୍କି ଫ୍ଲୋ ମିଳିତ ଭାବେ ସମ୍ଭାବ୍ୟ ବିକ୍ରେତାମାନଙ୍କୁ ଚିହ୍ନଟ କରିବା ସହ ସେମାନଙ୍କର ଡିଜିଟାଲ୍ ବ୍ୟବସାୟ ଯାତ୍ରାରେ ସହାୟତା ପ୍ରଦାନ କରିବେ। ଏହି ପଦକ୍ଷେପ ମହିଳା ଉଦ୍ୟୋଗୀମାନଙ୍କୁ ଆମାଜନ.ଇନ ପ୍ଲାଟଫର୍ମରେ ସାମିଲ କରିବା, ବଜାର ପ୍ରକ୍ରିୟାକୁ ବୁଝିବାରେ ସାହାଯ୍ୟ କରିବା ଏବଂ ଅନଲାଇନରେ ସେମାନଙ୍କର ଆଖିଦୃଶିଆ ଅଭିବୃଦ୍ଧି ହେବାରେ ସହାୟକ ହେଉଥିବା ଡିଜିଟାଲ୍ ଉପକରଣଗୁଡ଼ିକର ବ୍ୟବହାର କରିବା ଉପରେ ଗୁରୁତ୍ୱ ଦେବ।

ଏହି ପଦକ୍ଷେପ ସମ୍ପର୍କରେ ସୂଚନା ଦେଇ ଆମାଜନ ଇଣ୍ଡିଆର ସେଲ୍ସ ମୁଖ୍ୟ, ଅରୁଣା ଦରିଆନାନୀ କହିଛନ୍ତି, 'ପ୍ରକୃତ ଆର୍ଥିକ ଅନ୍ତର୍ଭୁକ୍ତୀକରଣ ସେତେବେଳେ ସମ୍ଭବ ହୁଏ, ଯେତେବେଳେ ଆମେ ଛୋଟ ଛୋଟ ବ୍ୟବସାୟଗୁଡ଼ିକୁ ସାଧାରଣ ବିକ୍ରୟ ପ୍ରକ୍ରିୟାରୁ ଏକ ସ୍ଥାୟୀ ଅନଲାଇନ୍ ଅଭିବୃଦ୍ଧି ଆଡ଼କୁ ଆଗେଇ ନେଇଥାଉ। 'ଆମାଜନ ସହେଲୀ' କାର୍ଯ୍ୟକ୍ରମ ମାଧ୍ୟମରେ ଆମେ ଏକ ସୁସଂଗଠିତ ବ୍ୟବସ୍ଥା ପ୍ରସ୍ତୁତ କରିଛୁ, ଯାହା ମହିଳା ପରିଚାଳିତ ଉଦ୍ୟୋଗଗୁଡ଼ିକର ସାମଗ୍ରୀ ତାଲିକାଭୁକ୍ତ କରିବା ଠାରୁ ଆରମ୍ଭ କରି ଆମାଜୋନ.ଇନରେ ସେମାନଙ୍କର ସାମଗ୍ରୀର ପ୍ରଚାର ପାଇଁ ମାର୍କେଟିଂ ଟୁଲ୍ସ ବ୍ୟବହାର ସହଜ କରିଥାଏ। ଫିକ୍କି ଫ୍ଲୋର ଏହି ବିଶାଳ ନେଟୱର୍କରେ ଏହି ଭିତିଭୂମିକୁ ସାମିଲ କରି ଆମେ ମହିଳା ସହାୟକ ଗୋଷ୍ଠୀ ଏବଂ ଏନଜିଓ ଗୁଡ଼ିକ ମଧ୍ୟରେ ଆର୍ଥିକ ସ୍ୱାଧୀନତା ଏବଂ ଆଞ୍ଚଳିକ ସ୍ତରରେ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାରେ ସାହାଯ୍ୟ କରୁଛୁ; ଯାହା ସ୍ଥାନୀୟ ଉଦ୍ୟୋଗଗୁଡ଼ିକୁ ସଶକ୍ତୀକରଣ ପାଇଁ ଏକ ସୁଦୃଢ଼ ମାଧ୍ୟମରେ ପରିଣତ କରିବ।' ଏହି ସହଭାଗିତା ସମ୍ପର୍କରେ ସୂଚନା ଦେଇ ଫିକ୍କି ଫ୍ଲୋ ର ସଭାପତି ପୂଜା ଗାର୍ଗ କହିଛନ୍ତି, 'ତୃଣମୂଳ ସ୍ତର ଏବଂ ମଧ୍ୟମ ସ୍ତରର ମହିଳା ଉଦ୍ୟୋଗୀମାନଙ୍କ ପାଇଁ ବ୍ୟବସାୟ ବଢ଼ାଇବା ଦିଗରେ ସବୁଠାରୁ ବଡ଼ ପ୍ରତିବନ୍ଧକ ହେଉଛି ଅଧିକ ଶାରୀରିକ ପରିଶ୍ରମ ଏବଂ ବିଭାଜିତ ଆଞ୍ଚଳିକ ଯୋଗାଣ ଶୃଙ୍ଖଳା । ଇ-କମର୍ସ ମୌଳିକ ଭାବରେ ଏହି ସମୀକରଣକୁ ବଦଳାଇ ଦେଇଥାଏ। ଆମାଜନ ସହିତ ସହଭାଗିତା କରି ଆମେ ଆମର ସ୍ଥାନୀୟ ବ୍ୟବସାୟିକ ନେଟୱର୍କକୁ ଜାତୀୟ ଡିଜିଟାଲ୍ ବ୍ରାଣ୍ଡରେ ପରିଣତ କରୁଛୁ।'

# ଯୁବକଙ୍କୁ ନୂଆ ଜୀବନ ଦେଲେ ମଣିପାଲ ଡାକ୍ତର ଟିମ୍

ଭୁବନେଶ୍ୱର,୧୨।୭ (ନି.ପ୍ର): ଅଫିସରେ ଘଟିଥିବା ଏକ ଦୁର୍ଘଟଣା ପରେ ବ୍ରେନର ରହିଯାଇଥିବା ଫ୍ୟାନର କିଛି ଅଂଶକୁ ସଫଳତାର ସହ ବାହାର କରି ଜଣେ ୩୨ ବର୍ଷୀୟ ଯୁବକଙ୍କୁ ନୂଆ ଜୀବନ ଦେଇଛି ମଣିପାଲ ହସ୍ପିଟାଲ ଭୁବନେଶ୍ୱର। ଦୀର୍ଘ ଚାରି ବର୍ଷ ଧରି ଅସହ୍ୟ ମୁଣ୍ଡବିନ୍ଧା ଓ ସଂକ୍ରମଣରେ ପୀଡ଼ିତ ଥିବା ଏହି ଯୁବକ ବର୍ତ୍ତମାନ ସମ୍ପୂର୍ଣ୍ଣ ସୁସ୍ଥ ହୋଇ ସାଧାରଣ ଜୀବନକୁ ଫେରିଛନ୍ତି। ବଲାଙ୍ଗୀରର ବାସିନ୍ଦା ଏହି ଯୁବକ ୨୦୨୨ ମସିହାରେ କାର୍ଯ୍ୟସ୍ଥଳରେ ଏକ ଦୁର୍ଘଟଣାର ଶିକାର ହୋଇଥିଲେ। ଛାତରୁ ଏକ ସିଲିଂ ଫ୍ୟାନ୍ ଖସି ତାଙ୍କ ମୁଣ୍ଡ ଉପରେ ପଡ଼ିଥିଲା। ଦୁର୍ଘଟଣାରେ ତାଙ୍କ ମୁଣ୍ଡରେ ଗୁରୁତର ଆଘାତ ଲାଗିଥିବା ବେଳେ ଫ୍ୟାନର ଏକ ବ୍ଲେଡ୍ ତାଙ୍କ ଡାହାଣ କାନ୍ଧରେ ମଧ୍ୟ ବାଜିଥିଲା। ସେ ଘଟଣାସ୍ଥଳରେ ଅଚେତ ହୋଇଯାଇଥିଲେ। ପ୍ରଥମେ ନିକଟସ୍ଥ ହସ୍ପିଟାଲ ଏବଂ ପରେ ଅନ୍ୟ ଏକ ହସ୍ପିଟାଲରେ ତାଙ୍କର ଚିକିତ୍ସା କରାଯାଇଥିଲା।ପ୍ରାଥମିକ ଚିକିତ୍ସା ପରେ ସେ ସୁସ୍ଥ ହୋଇଥିଲେ ମଧ୍ୟ ମୁଣ୍ଡର ପଛପଟେ ଅସହ୍ୟ ଯନ୍ତ୍ରଣା ହେଉଥିଲା। ଏହାର ଚିକିତ୍ସା ପାଇଁ ବେଙ୍ଗାଲୁରୁ, କୋଲକାତା ଓ ଭେଲୋରର ବିଭିନ୍ନ ପ୍ରସିଦ୍ଧ ହସ୍ପିଟାଲରେ ଚିକିତ୍ସା କରାଇଥିଲେ ମଧ୍ୟ ରୋଗର ପ୍ରକୃତ କାରଣ ଜଣାପଡ଼ି ନଥିଲା। ପରେ ମୁଣ୍ଡର ପଛପଟରୁ ବାରମ୍ବାର ପୁଜ ବାହାରିବା ଆରମ୍ଭ ହେବାରୁ ତାଙ୍କର ଅଫିସ୍ ପକ୍ଷରୁ ତାଙ୍କୁ ଚିକିତ୍ସା ପାଇଁ ମଣିପାଲ ହସ୍ପିଟାଲ ଭୁବନେଶ୍ୱରକୁ ପଠାଯାଇଥିଲା। ମଣିପାଲ ହସ୍ପିଟାଲର ନ୍ୟୁରୋସର୍ଜରୀ ବିଭାଗର ବରିଷ୍ଠ ଡାକ୍ତର ସୁନୀଲ ପାତ୍ରଙ୍କ ନେତୃତ୍ୱରେ ଉନ୍ନତ ଡାକ୍ତରୀ ଟିମ୍ ଗଠନ କରାଯାଇ ତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଓ ଏମ୍.ଆର.ଆଇ ଇମେଜିଂ କରାଯିବା ପରେ ଜଣାପଡ଼ିଥିଲା ଯେ, ଦୁର୍ଘଟଣା ସମୟରେ କିଛି ଫ୍ୟାନ୍ର କିଛି ଅଂଶ ତାଙ୍କ ବ୍ରେନ୍ ଭିତରେ ରହିଯାଇଥିଲା। ଏହି କାରଣରୁ ରୋଗୀଙ୍କ ନିୟମିତ ମୁଣ୍ଡବିନ୍ଧା ସହିତ ସଂକ୍ରମଣ ଓ ପୁଜ ବାହାରିବା ସମସ୍ୟା ଦୀର୍ଘ ଦିନ ଧରି ଲାଗି ରହିଥିଲା। ସବୁଠାରୁ ବଡ଼ ଚ୍ୟାଲେଞ୍ଜ ଥିଲା, ଫ୍ୟାନ ର ସେହି ଅଂଶ ଗୁଡିକ ବ୍ରେନ୍ର ଦୃଷ୍ଟିଶକ୍ତି ନିୟନ୍ତ୍ରଣ କରୁଥିବା ଅଂଶ ଓ ଟ୍ରାନ୍ସଭର୍ସ ସାଇନସ୍ ନିକଟରେ ରହିଥିଲା। ଏଭଳି ସ୍ଥାନରେ ଅପରେସନ୍ କରିବା ସମୟରେ ଦୃଷ୍ଟିଶକ୍ତି ହରାଇବା କିମ୍ବା ଅତ୍ୟଧିକ ରକ୍ତସ୍ରାବ ହେବାର ଆଶଙ୍କା ରହିଥାଏ। ତେବେ ଅଭିଜ୍ଞ ଡାକ୍ତରୀ ଦଳ ଆଧୁନିକ ମାଇକ୍ରୋସର୍ଜରୀ ପ୍ରଣାଳୀ ବ୍ୟବହାର କରି ସଫଳତାର ସହ ଅସ୍ତ୍ରୋପଚାର କରିଥିଲେ। ଅପରେସନ୍ ପରେ ରୋଗୀଙ୍କ ଚାରି ବର୍ଷର ମୁଣ୍ଡବିନ୍ଧା ସମ୍ପୂର୍ଣ୍ଣ ଭଲ ହୋଇଯାଇଛି। ବର୍ତ୍ତମାନ ସେ କୌଣସି ସ୍ନାୟୁଜନିତ ସମସ୍ୟା ବିନା ସାଧାରଣ ଜୀବନ ଓ କାର୍ଯ୍ୟରେ ଯୋଗ ଦେଇଛନ୍ତି। ଏହି ସମ୍ପର୍କରେ ଡାକ୍ତର ସୁନୀଲ ପାତ୍ର କହିଛନ୍ତି, " ମୁଣ୍ଡରେ ଗୁରୁତର ଆଘାତ ପରେ ଯଦି ଦୀର୍ଘ ସମୟ ଧରି ମୁଣ୍ଡବିନ୍ଧା, ସଂକ୍ରମଣ କିମ୍ବା ଘା'ରୁ ପୁଜ ବାହାରିବା ଭଳି ସମସ୍ୟା ଦେଖାଯାଏ, ତେବେ ଏହାକୁ ଅବହେଳା ନ କରି ବିଶେଷଜ୍ଞଙ୍କ ପରାମର୍ଶ ନେବା ଉଚିତ। ଠିକ୍ ସମୟରେ ସଠିକ୍ ପରୀକ୍ଷା କଲେ ଜଟିଳ ସମସ୍ୟାର ମଧ୍ୟ ସଫଳ ଚିକିତ୍ସା ସମ୍ଭବ । ଏହି ସଫଳ ଅସ୍ତ୍ରୋପଚାର ସହିତ ମଣିପାଲ ହସ୍ପିଟାଲ ଭୁବନେଶ୍ୱର ପୁଣିଥରେ ଜଟିଳ ନ୍ୟୁରୋସର୍ଜରୀ ଏବଂ ସ୍ନାୟୁ ରୋଗର ଉନ୍ନତ ଚିକିତ୍ସା କ୍ଷେତ୍ରରେ ନିଜର ଦକ୍ଷତାର ପରିଚୟ ଦେଇଛି ବୋଲି ସେ କହିଛନ୍ତି।



